# ସଂକ୍ଷେପରେ

## କୋରାପୁଟ ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ପାଠ

କୋରାପୁଟ,୫।୪(ସ୍ୱ.ପ୍ର.): କୋରାପୁଟ ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ବାର ବୁଧବାର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଶରତ ଆଚାର୍ଯ୍ୟ ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଛନ୍ତି। ସଂଘର ନୂତନ ସଭାପତି ପ୍ରଭାତ ମହାପାତ୍ର, ଉପସଭାପତି ଉତ୍ତମ ମିଶ୍ର, ସାଧାରଣ ସମ୍ପାଦକ ସୁନିଲ ଜେନା, କୋଷାଧ୍ୟକ୍ଷ ସଞ୍ଜୟ ଝା ଓ କାର୍ଯ୍ୟକାରୀ ସଭ୍ୟ ଦିଲୀପ ମହାନ୍ତି, ସସ୍ମିତାରାଣୀ ସାହୁ, ମନୋଜ ଆଚାର୍ଯ୍ୟ, ଟି ସାଇରାଜୁ ପ୍ରମୁଖ ଶପଥ ପାଠ କରିଛନ୍ତି। ଓକିଲ ସଂଘ ସଦସ୍ୟମାନେ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## ପୌର ପରିଷଦରେ ନୂତନ ନିର୍ବାହୀ ଅଧିକାରୀ

ସୁନାବେଡା,୫।୪(ସ୍ୱ.ପ୍ର.): ସୁନାବେଡା ପୌର ପରିଷଦର ନୂତନ ନିର୍ବାହୀ ଅଧିକାରୀ ଭାବେ ନାରାୟଣ ନାୟକ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ସ୍ୱସ୍ତିକ ଜମାଦାର ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସୁନାବେଡା ପୌରପରିଷଦ କିପରି ଆଗକୁ ଯିବ ସେ ଦିଗରେ କାମ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଧୁରା କାମକୁ ସମ୍ପୂର୍ଣ୍ଣ କରିବାକୁ ପ୍ରାଥମିକତା ଦିଆଯିବ ଏଂ ନୂତନ କାର୍ଯ୍ୟ କରିବା ପାଇଁ ପଦକ୍ଷେପ ନେବେ ବୋଲି ନୂତନ ନିର୍ବାହୀ ଅଧିକାରୀ ନାୟକ ପ୍ରତିକ୍ରିୟାରେ କହିଛନ୍ତି । ସେ କାର୍ଯ୍ୟରେ ଯୋଗଦେବା ସମୟରେ ସମସ୍ତ କର୍ମଚାରୀ, ପାରିଷଦଙ୍କ ସମେତ ଉପାଧକ୍ଷା ପ୍ରମୁଖ ଉପସ୍ଥିତ ଥିଲେ।

## ହାଟରୁ ୧୫୦ ଲିଟର ସଲପ, ଅଟୋ ଜବତ



ନନ୍ଦପୁର, ୫।୪(ଡି.ଏନ୍.ଏ.): ନନ୍ଦପୁର ବ୍ଲକ କସନ୍ଦି ପଞ୍ଚାୟତର କାଲାଡି ଗ୍ରାମରୁ ଏକ ଅଟୋ ଯୋଗେ ବୁଧବାର ସାପ୍ତାହିକ ହାଟରେ ବିକ୍ରି ପାଇଁ ସଲପ ଆଣୁଥିବା ବେଳେ ଅବକାରୀ ପୋଲିସ ଚଢ଼ାଉକରି ଏହାକୁ ଜବତ କରିଛି। ଅଟୋରୁ ୨୦ ଲିଟରିଆ ଜାର୍‌କିନରେ ଭର୍ତ୍ତି ହୋଇଥିବା ସଲପ ମିଳିଥିଲା। ଅଟୋ ସଲପ ସଂଗ୍ରହକାରୀ କଲାଡି ଗ୍ରାମର ଜିନୁ ଜାନିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଜାର୍‌କିନରେ ଥିବା ୧୫୦ ଲିଟର ସଲପକୁ ନଷ୍ଟ କରାଯାଇଥିବା ଅବକାରୀ ନିରୀକ୍ଷକ ଅଭୟ ନାୟକ କହିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ନନ୍ଦପୁର ଅବକାରୀ ଟିମ୍ ନିରୀକ୍ଷକ ନାୟକ, କନଷ୍ଟେବଲ ଗୀତାଞ୍ଜଳି ଦଳପତି, ଜ୍ଞାନ ଦୀକ୍ଷିତ, ତ୍ରିଲୋଚନ ସିଂ, ସୁବାଶିଷ ପ୍ରଧାନ ପ୍ରମୁଖ ହାଟ ନିକଟରେ ଜଗି ରହିଥିଲେ। ଅଟୋଟି ଅବକାରୀ ଟିମ୍‌କୁ ଦେଖି ନନ୍ଦପୁର ଭଣ୍ଡାରିସାହି ଭିତରେ ପଶିଯାଇଥିଲା। କର୍ମଚାରୀମାନେ ଏହାର ପିଛାକରି ଅଟୋକୁ ଠାବ କରିଥିଲେ। ପରେ ଅଟୋକୁ ଯାଞ୍ଚ କରିବାରୁ ୮ଟି ଜାର୍‌କିନରେ ଥିବା ସଲପକୁ ଅବକାରୀ ଟିମ୍ ଜବତ କରିଥିଲେ। ତେବେ ଜିନୁ ଜଣେ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାଳୟରୁ ତାଙ୍କୁ ଜାମିନ ପ୍ରଦାନ କରାଯାଇଥିବା ଅବକାରୀ ନିରୀକ୍ଷକ ନାୟକ କହିଛନ୍ତି।

## ଏସ୍‌ଇବିସି ସର୍ଭେ ନେଇ ତାଲିମ

କୋରାପୁଟ,୫।୪(ସ୍ୱ.ପ୍ର.):କୋରାପୁଟ ଜିଲାରେ ସାମାଜିକ ଅର୍ଥନୈତିକ ପଛୁଆ ଶ୍ରେଣୀ (ଏସ୍‌ଇବିସି) ବର୍ଗର କେତେ ଲୋକ ଅଛନ୍ତି ସେମାନଙ୍କୁ ଚିହ୍ନଟ କରିବା ଲାଗି ମେ ୧ରୁ ସର୍ଭେ ଆରମ୍ଭ ହେବ। ଏ ସମ୍ପର୍କରେ ମଙ୍ଗଳବାର ସ୍ଥାନୀୟ ସଦ୍‌ଭାବନା ସଭା ଗୃହରେ ବ୍ଲକ ଓ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ଏଚ୍‌ଆର୍‌ଏମ୍‌ଏସ୍ ଜିଲା ସଂଯୋଜକ ସଚ୍ଚିଦାନନ୍ଦ ସାମନ୍ତରାୟ, ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ପ୍ରମୁଖ ସାଧନ ବ୍ୟକ୍ତିଭାବେ ଯୋଗଦେଇ ତାଲିମ ଦେଇଥିଲେ । ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଗଣନକାରୀ ଓ ସୁପର ଭାଇଜରଙ୍କୁ ତାଲିମ ପ୍ରଦାନ କରାଯିବ । ସେହିପରି ୧୮ରୁ ୨୪ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ହେବ ବୋଲି ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି କହିଛନ୍ତି। କୋରାପୁଟ ଉପଜିଲାପାଳ ବେଣୁଧର ଶବର ଓ ରାଜ୍ୟ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ ।

# କୋଟିଆର ୧୦୦ ଏକର ଜମିରେ ଷ୍ଟ୍ରବେରି ଚାଷ

- ଏଥିପାଇଁ ଚିହ୍ନଟ ହୋଇଛି ରଣସିଂ, ଗଞ୍ଜେଇପଦର ଓ ପନିକି ଗ୍ରାମ
- ଥଣ୍ଡା ଜଳବାୟୁ, ପରିବେଶ ବେଶ୍ ସହାୟକ ହେଉଛି
- ଗୁଣାତ୍ମକମାନ ଯୋଗୁ ଆନ୍ଧ୍ରରେ ମଧ୍ୟ ରହିଛି ଚାହିଦା



କୋଟିଆର ଜାନିଗୁଡା ଅଞ୍ଚଳରେ ହୋଇଥିବା ଷ୍ଟ୍ରବେରି ଚାଷ।

କୋରାପୁଟ,୫।୪(ସ୍ୱ.ପ୍ର.)

କୋରାପୁଟ ଜିଲାର କୋଟିଆ ପଞ୍ଚାୟତ ଅଞ୍ଚଳରେ ଏବେ ୨୦ ଏକର ଜମିରେ ଷ୍ଟ୍ରବେରି ଚାଷ କରାଯାଉଛି। ଆଗାମୀ ଦିନରେ ଏହାକୁ ବୃଦ୍ଧି କରାଯାଇ ୧୦୦ ଏକର ଜମିରେ ଷ୍ଟ୍ରବେରି ଚାଷ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ପିଏ ଆଇଟିଡିଏ କାରୁ ସୋରେନ କହିଛନ୍ତି। ଏଥିପାଇଁ କୋଟିଆ ପଞ୍ଚାୟତର ରଣସିଂ, ଗଞ୍ଜେଇପଦର, ପନିକି ଆଦି ୧୦ଟି ସ୍ଥାନକୁ ଚିହ୍ନଟ କରାଯାଇଛି। ଏହି ଗ୍ରାମରେ ଥିବା ୧୦୦ ଏକର ଜମିରେ ଷ୍ଟ୍ରବେରି ଚାଷ ହେବ। ଏହି ଚାଷ ପାଇଁ ଆବଶ୍ୟକ ଅନୁଦାନ ଜିଲା ପ୍ରଶାସନ ଯୋଗାଇ ଦେବ। ଏ ନେଇ ବୁଧବାର ପିଏ ଆଇଟିଡିଏ ସୋରେନ ଓ ବିଭାଗୀୟ ଅଧିକାରୀମାନେ କୋଟିଆ ପରିଦର୍ଶନ କରିଛନ୍ତି। ଗତ ମାସରେ ତତ୍କାଳିନ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଜିଲାର କୋଟିଆ ଅଞ୍ଚଳ ପରିଦର୍ଶନ କରି ଏଠାରେ ଉତ୍ପାଦିତ ଷ୍ଟ୍ରବେରିର ଗୁଣାତ୍ମକମାନ ରହିଥିବା ପ୍ରକାଶ କରିଥିଲେ। ଆଗାମୀ ଦିନରେ ଏହି ଚାଷକୁ ଅଧିକ କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବେ ବୋଲି ସେ କହିଥିଲେ ।

ସୂଚନାଯୋଗ୍ୟ, କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନରେ ଥିବା କୋଟିଆ ପଞ୍ଚାୟତ ଅଞ୍ଚଳରେ ଥଣ୍ଡା ଜଳବାୟୁ ଓ ପରିବେଶକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଗତ ଦୁଇ ବର୍ଷ ହେବ ଆଇଟିଡିଏ ଦ୍ୱାରା ଷ୍ଟ୍ରବେରି ଚାଷ ଆରମ୍ଭ କରିଛି। ଚଳିତବର୍ଷ ମଧ୍ୟ ଉକ୍ତ ଅଞ୍ଚଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରାୟ ୨୦ ଏକର ଜମିରେ ଷ୍ଟ୍ରବେରି ଚାଷ କରାଯାଇଛି । ଏବେ ଆଇଟିଡିଏର ମିଶନ ଜିବିକା ପ୍ରକଳ୍ପ ଦ୍ୱାରା କୋଟିଆର ଜାନିଗୁଡା ଗ୍ରାମର ୩ ଏକର ଜମି, ଫାଟୁସିନେରୀ ଗ୍ରାମର ୯ ଏକର ଜମି ଓ ନୂଆଗାଁ ପଞ୍ଚାୟତର ଗାଲିଗାବଦର ଗ୍ରାମରେ ୮ ଏକର ଜମିରେ ଏହି ଷ୍ଟ୍ରବେରି ଚାଷ କରାଯାଉଛି । ଜୈବିକ ପ୍ରଣାଳୀରେ କରାଯାଉଥିବା ଏହି କୋଟିଆ ଷ୍ଟ୍ରବେରିର ଦାମ୍ କେଜି ପ୍ରତି ୫ ଶହ ଟଙ୍କା ରହିଛି। ପ୍ରତି ୨ ଶହ ଗ୍ରାମକୁ ନେଇ ହୋଇଥିବା ପ୍ୟାକେଟ୍‌ର ମୂଲ୍ୟ ଶହେ ଟଙ୍କା ରଖାଯାଇଛି । ଏହାର ବିକ୍ରି ନେଇ କୃଷି ପରାମର୍ଶଦାତା ଶିବ ବେହେରା ଓ ଯାନ୍ତ୍ରିକ ପରାମର୍ଶଦାତା ସତ୍ୟ ମହାନ୍ତି ସହଯୋଗ କରୁଛନ୍ତି। କେବଳ ଓଡ଼ିଶା ନୁହେଁ ଏହାର ଗୁଣାତ୍ମକମାନ ଯୋଗୁ ଆନ୍ଧ୍ରରେ ମଧ୍ୟ କୋଟିଆ ଷ୍ଟ୍ରବେରିର ବେଶ ଚାହିଦା ରହିଛି।

## ବାଇକ୍‌ରୁ ଛିଟିକି ପଡ଼ିଲେ ଯୁବକ, ମାଡ଼ିଗଲା ଟ୍ରକ

କୋରାପୁଟ,୫।୪(ସ୍ୱ.ପ୍ର.)



ଦୁର୍ଘଟଣା ଘଟାଇଥିବା ଟ୍ରକ।

କୋରାପୁଟ ଓଏମ୍‌ପି ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଅପରାହ୍ନ ସାଢେ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଜଣେ ବ୍ୟକ୍ତିଙ୍କ ଉପରେ ଟ୍ରକ ମାଡିଯାଇଛି। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କୋରାପୁଟ ଜିଲା ସେମିଳିଗୁଡା ଅଞ୍ଚଳର ଦୀପକ ଜେନା (୪୦)। ଏଥିରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ତାଙ୍କ ନାମ ସଞ୍ଜୟ ରାଉତ। ତାଙ୍କ ଘର ମଧ୍ୟ ସେମିଳିଗୁଡା ଅଞ୍ଚଳରେ ବୋଲି ଜଣାପଡିଛି।

ଟାଉନଥାନା ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ(ଏ ପି ୦୯ଟି-୧୫୭୫)କୁ ଜବତ କରି ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଖବରରୁ ପ୍ରକାଶ, ବୁଧବାର ଅପରାହ୍ନ ସାଢେ ୪ଟାରେ ଦୀପକ ଓ ସଞ୍ଜୟ ଏକ ବାଇକ୍‌ରେ କୋରାପୁଟରୁ ସେମିଳିଗୁଡା ଯାଉଥିଲେ। ସେମାନଙ୍କ ଆଗରେ ଯାଉଥିବା ଏକ ଯାତ୍ରୀବାହୀ ଅଟୋ ଓଏମ୍‌ପି ପେଟ୍ରୋଲ ପମ୍ପ ନିକଟରେ ହମ୍ପସ ଥିବାରୁ ଗାଡିକୁ ସ୍ଲୋ କରିଥିଲା। ଏହି ସମୟରେ ପଛରେ ଥିବା ସଞ୍ଜୟଙ୍କ ବାଇକ୍ ଅଟୋରେ ବାଜିଯାଇଥିଲା । ଫଳରେ ପଛରେ ବସିଥିବା ଆଲୋକ ବାଇକ୍‌ର ଡାହାଣ ପାର୍ଶ୍ୱକୁ ଛିଟିକି ପଡିଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମାଲବାହୀ ଟ୍ରକ ଆଲୋକଙ୍କ ଉପରେ ମାଡିଯାଇଥିଲା । ଖବରପାଇ ପୋଲିସ ପହଞ୍ଚି ସଞ୍ଜୟଙ୍କୁ ଉଦ୍ଧାର କରି ତାଙ୍କୁ ଚିକିତ୍ସା ଲାଗି ମେଡିକାଲ ପଠାଇଥିଲା। ପୋଲିସ ଟ୍ରକକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା କରଛି। ଏନେଇ ଟାଉନଥାନାରେ ୯୨/୨୩ରେ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

## ରୂପାନ୍ତରିତ ୫-ଟି ବିଦ୍ୟାଳୟ ଅନୁଧାନକଲେ ବ୍ଲକ ଅଧକ୍ଷା

ମାଲକାନଗିରି,୫।୪(ଡି.ଏନ୍.ଏ.)



ବିଦ୍ୟାଳୟରେ ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ କାର୍ଯ୍ୟ ତଦାରଖ କରି ବୁଲି ଦେଖୁଛନ୍ତି।

ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଲାଗି ବିଭିନ୍ନ ପଦକ୍ଷେପ ନେଉଛନ୍ତି। ୫-ଟିରେ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଫଳରେ ସରକାରୀ ବିଦ୍ୟାଳୟଗୁଡ଼ିକ ବେସରକାରୀ ବିଦ୍ୟାଳୟଠାରୁ ଆଗକୁ ବଢ଼ିଛି। ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନାଗାର ଆଦି ସୁବିଧା ଦ୍ୱାରା ଶିକ୍ଷାର ମାନବୃଦ୍ଧି ହେଉଥିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ବୁଧବାର ମାଲକାନଗିରି ବ୍ଲକ ଅଧକ୍ଷା ଗୌରୀ ପଡ଼ିଆମୀ ସଦର ବ୍ଲକ ଅନ୍ତର୍ଗତ ଝରାପାଲ୍ଲୀ ପଞ୍ଚାୟତର ବାଙ୍କଟିଗୁଡ଼ା ଜି.ଏନ୍. ଉଚ୍ଚ ବିଦ୍ୟାଳୟ ପରିଦର୍ଶନକରି ୫-ଟିରେ ରୂପାନ୍ତରିତ ସ୍ମାର୍ଟ କ୍ଲାସ୍‌ଗୁଡିକର କାର୍ଯ୍ୟ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ପ୍ରୟାସ ବିଦ୍ୟାଳୟଗୁଡ଼ିକର ଉନ୍ନତି କରୁଥିବା ବେଳେ ଅଧ୍ୟୟନ ଲାଗି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହେଉଥିବା ପଡ଼ିଆମୀ କହିଛନ୍ତି। ତାଙ୍କ ଗସ୍ତ ସମୟରେ ବିଜେଡି ଯୁବନେତା ଗାନ୍ଧୀ ପଣ୍ଡା, ସମିତିସଭ୍ୟ ନରସିଂହ ମାଡ଼ି, ପ୍ରଧାନ ଶିକ୍ଷକ ଜଗବନ୍ଧୁ ମିଶ୍ର, ଶିକ୍ଷକ ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, ସଂଗ୍ରାମ କିଶୋର ରାଉତଙ୍କ ସହ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପୋଲ ତଳକୁ ଖସି ପଡ଼ିଲେ ଦମ୍ପତି

ମାଲକାନଗିରି,୫।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଏମ୍‌ଭି-୭ ଗ୍ରାମ ନିକଟସ୍ଥ ତାମସା ନଦୀର ପୋଲ ତଳକୁ ଖସିପଡ଼ି ଦମ୍ପତି ଆହତ ହୋଇଛନ୍ତି। କତାମେଟା ଅଞ୍ଚଳର ଏହି ଦମ୍ପତି କୌଣସି କାର୍ଯ୍ୟରେ ମାଲକାନଗିରି ଆସି ଫେରୁଥିବା ବେଳେ ତମସା ନଦୀ ପୋଲ ଉପରୁ ଉଭୟେ ତଳକୁ ଖସିପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ମାଲକାନଗିରି ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ଏହି ଦମ୍ପତିଙ୍କ ପୁଅ କିଛିଦିନ ତଳେ ମୃତ୍ୟୁବରଣ କରିଥିବାରୁ ଉଭୟେ ମାନସିକ ଚାପରେ ରହିଛନ୍ତି।



## ୨୫ କୁଇଣ୍ଟାଲ ମହୁଲଫୁଲ ଜବତ, ଜଣେ ଗିରଫ



ଜବତ ମହୁଲ ଓ ଗିରଫ ନିରଞ୍ଜନ।

ମାଥିଲି,୫।୪(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଦାମାପଡ଼ା ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉକରି ଚୋରାଚାଲାଣ ହେଉଥିବା ମହୁଲଫୁଲ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଜୟନିକ ନିରଞ୍ଜନ ପେଦା। ତାଙ୍କଠାରୁ ୨୫ କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଛି। ନିରଞ୍ଜନ କମ୍ ମୂଲ୍ୟରେ ମହୁଲ ଫୁଲ ସଂଗ୍ରହକରି ବାହାର ରାଜ୍ୟରେ ଏହାକୁ ଚଢ଼ା ଦରରେ ବିକ୍ରି କରୁଥିଲେ। ଏନେଇ ତାଙ୍କ ନିକଟରେ ଲାଇସେନ୍ସ କିମ୍ବା ସରକାରୀ କାଗଜପତ୍ର କିଛି ନ ଥିଲା। ଅବକାରୀ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶରେ କର୍ମଚାରୀମାନେ ଭୋର ସମୟରେ ଦାମାପଡ଼ାରେ ଚଢ଼ାଉକରି ତାଙ୍କୁ ଧରିଥିଲେ। ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନ, ସହକାରୀ ଉପ ନିରୀକ୍ଷକ ଜେମ୍‌ସ ମାଲକେଲ ସାହୁ, ଅବକାରୀ କର୍ମଚାରୀ ଗୋବିନ୍ଦ ବିଞ୍ଜାମି, ପ୍ରଭାତ ସାହୁ, ନିତ୍ୟରଞ୍ଜନ ତାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

## ପାଡୁଆ ବଡ଼ଦେବତା ମନ୍ଦିରରେ ବଡ଼ଯାତ୍ରା ଶେଷ



ନନ୍ଦପୁର, ୫।୪ (ଡି.ଏନ୍.ଏ.): ଚୈତ୍ର ମାସର ଶେଷ ମଙ୍ଗଳବାର ପାଡୁଆ ବଡ଼ଦେବତା (ଭୈରବୀ) ମନ୍ଦିରରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବଡ଼ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ୮ପଞ୍ଚାୟତବାସୀ ପାଡୁଆ, କୁଲାବିର, ହାତୀବାରି, ଚାଟୁଆ, ପାଛଲୁଙ୍ଗ, ପରଜା ବଡ଼ପଡ଼ା, କୁଲାରସିଂ, ଗୋଲୁର ପଞ୍ଚାୟତବାସୀଙ୍କ ଆସ୍ଥାର ପ୍ରତୀକ ହେଉଛନ୍ତି ଏହି ବଡ଼ଦେବତା। ଏହି ଅବସରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ତେଲୁଗୁ ସମ୍ପ୍ରଦାୟର ବହୁସଂଖ୍ୟକ ଶ୍ରଦ୍ଧାଳୁ ଆନ୍ଧ୍ର ଅଞ୍ଚଳରୁ ଆସି କଳସ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଠାକୁରାଣୀଙ୍କ ଏହି ପୂଜାବିଧିକୁ ଚୈତ୍ରମାସର ବାସନ୍ତିକ ପୂଜା କୁହାଯାଏ ବୋଲି ପୂଜକ ଗୁପ୍ତ ହନ୍ତାଳ, ଲକ୍ଷ୍ମୀକାନ୍ତ ଶର୍ମା ଓ ଲକ୍ଷ୍ମଣ ତ୍ରିପାଠୀ କହିଛନ୍ତି। ପୂଜା କମିଟି ସଭାପତି ଗୋବିନ୍ଦ ରାଓ, ପର୍ଶୁରାମ ହଲଙ୍ଗ, ଟି.ଈଶ୍ୱର ରାଓ, ଆନନ୍ଦ ଖରା, ପର୍ଶୁରାମ ବୁରୁଜା, ନାୟକ ଲକ୍ଷ୍ମୀଧର ଗୁଣ୍ଠା, ବାରିକ ଆନନ୍ଦ ଖରା, ଚାଲାଣ ଖଗୁ ପାଙ୍ଗୀ ପ୍ରମୁଖ ପୂଜାବିଧି ପରିଚାଳନା କରିଥିଲେ। ପାଡୁଆ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଥାନାଧିକାରୀ ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି।

## ୩ ଜଣିଆ ଟିମ୍ ପରିଦର୍ଶନକଲେ ବ୍ଲକ କାର୍ଯ୍ୟାଳୟ



ଟିମ୍ ସଦସ୍ୟମାନେ ବ୍ଲକ କାର୍ଯ୍ୟାଳୟରେ ଆଲୋଚନା କରୁଛନ୍ତି।

ନନ୍ଦପୁର,୫।୪(ଡି.ଏନ୍.ଏ.): ସ୍କୁଲ ଓ ଗଣଶିକ୍ଷା ବିଭାଗର ମୋ ସ୍କୁଲ ଯୋଜନାର ରାଜ୍ୟ, ଜୋନାଲ ଓ ଜିଲାସ୍ତରୀୟ ୩ ଜଣିଆ ଟିମ୍ ବୁଧବାର ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିଲେ। ଏହି ଟିମ୍ ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ୩ ଜଣିଆ ଟିମ୍‌ରେ ମୋ ସ୍କୁଲ ଅଭିଯାନର ରାଜ୍ୟ ଡକ୍ୟୁମେଣ୍ଟେଶନ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ, ଜୋନାଲ ପ୍ରୋଜେକ୍ଟ ମନିଟରିଂ ଅଫିସର ଦେବାଶିଷ ପ୍ରଧାନ, ଜିଲା ସଂଯୋଜକ ଭାବେଶ ପତି ସାମିଲ ଥିଲେ। ବ୍ଲକ ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସେଠୀଙ୍କ ସମେତ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଅବସରରେ ଟିମ୍ ମୋ ସ୍କୁଲ ଅଭିଯାନ ଯୋଜନା ସମ୍ପର୍କରେ ଆଲୋଚନା କରି ଆଗକୁ କିଭଳି ଅଧିକରୁ ଅଧିକ ପୁରାତନ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ।

## ରଞ୍ଜନଙ୍କ ଗିରଫ ନେଇ ବିଜେଡିକୁ ଦୋଷାରୋପ କଲା ଭାଜପା

ମାଲକାନଗିରି,୫।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଭାଜପା ବୁଧବାର ଏକ ଖବରଦାତା ସମ୍ମିଳନୀରେ ମଙ୍ଗଳବାର ଗିରଫ ହୋଇଥିବା ଜଣେ ବିଜେଡି ନେତାଙ୍କ ମାମଲାକୁ ନେଇ ବିଜେଡିକୁ ଦୋଷାରୋପ କରିଛି। ଜିଲା ସଦର ମହକୁମାସ୍ଥିତ ମାଲକାନଗିରି ବିଧାୟକ ଆଦିତ୍ୟ ମାଡ଼ିଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ମାଡ଼ି ମଙ୍ଗଳବାର ସମିତିସଭ୍ୟ ରଞ୍ଜନ ପାଙ୍ଗୀଙ୍କ ଗିରଫ ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ବିଜେଡି ଛତ୍ରଛାୟାରେ ରହି ଅନେକ ଦଳୀୟ ନେତା ଓ କର୍ମୀ ବହୁ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହୁଥିବା ସେ ଅଭିଯୋଗ କରିଛନ୍ତି। ଗିରଫ ରଞ୍ଜନ ବିଗତ ଦିନରେ ବହୁ ହିଂସାରେ ଜଡ଼ିତ ଥିଲେ। ସେ ମାଓବାଦୀ ଭାବେ ବହୁ ହିଂସା ଓ ହତ୍ୟା ଭଳି ଘଟଣାରେ ସାମିଲ ଥାଇ ଜେଲ ଯାଇ ଜାମିନରେ ଆସିଥିଲେ। ବର୍ତ୍ତମାନ ଲୋକଙ୍କଠାରୁ ଟଙ୍କା ଠକିବା ଅଭିଯୋଗରେ ପୁଣି ଜେଲ ଯାଇଛନ୍ତି। ଏଭଳି ଜଣେ ବ୍ୟକ୍ତି ଜିଲାର ବହୁ ବରିଷ୍ଠ ବିଜେଡି ନେତାଙ୍କ ସଂସ୍ପର୍ଶରେ ଆସୁଥିବା ମାଡ଼ି ଅଭିଯୋଗ କରିଛନ୍ତି । ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ନିମାଇଁ ପାଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା କର୍ମକର୍ତ୍ତା ସୂଚନା ଦେଉଛନ୍ତି।

# ଜଙ୍ଗଲ ଜମି ସମସ୍ୟା ସମାଧାନ ନେଇ ଗୁରୁତ୍ୱ

କୋରାପୁଟ,୫।୪(ସ୍ୱ.ପ୍ର.)



ଜିଲାପାଳଙ୍କ ଅଧକ୍ଷତାରେ ବସିଥିବା ବୈଠକ।

**ଭାରତମାଳା ଜାତୀୟ ରାଜପଥ ଅଗ୍ରଗତି ସମୀକ୍ଷା**

କୋରାପୁଟ ଜିଲା ଦେଇ ଯାଉଥିବା ଭାରତମାଳା ଜାତୀୟ ରାଜପଥର କାର୍ଯ୍ୟକୁ ଅଧିକ ତରାନ୍ୱିତ କରିବା ପାଇଁ ଜିଲାରେ ରହିଥିବା ବିଭିନ୍ନ ଜଙ୍ଗଲ ଜମି ସମସ୍ୟାର ସମାଧାନ ଲାଗି ତତ୍ପରତା ପ୍ରକାଶ ପାଇଛି। ଏହି ମାମଲାଗୁଡିକର ଡିଏଲ୍‌ସି ପକ୍ଷରୁ ଅନୁମୋଦନ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବଦାଲ ଏମ୍. ଅଖତାରଙ୍କ ଅଧକ୍ଷତାରେ ବସିଥିବା ଏହି ବୈଠକରେ ପିଏ ଆଇଟିଡିଏ କାରୁ ସୋରେନ, ଜିଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି, ବନଖଣ୍ଡ ଅଧିକାରୀ ଅମିତାରାଣୀ ରାୟ, ଜୟପୁର ବନଖଣ୍ଡ ଅଧିକାରୀ ଏନ୍‌ଏସ୍‌ଜେପି ସିଂ ପ୍ରମୁଖ ଉପସ୍ଥିତ ରହି ଭାରତମାଳା ଜାତୀୟ ରାଜପଥ କାର୍ଯ୍ୟରେ ବାଧକ ଥିବା ଜଙ୍ଗଲଜମି ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ବର୍ତ୍ତମାନ ଜିଲାର ୪୬ ଜଣ ବ୍ୟକ୍ତି ସେମାନଙ୍କ ଜମିର ଅନୁମୋଦନ ନେଇ ଏସଡିଏଲ୍‌ସିରେ ଆବେଦନ କରିଥିବାବେଳେ ସେଥିରୁ ଜିଲାର ସେମିଳିଗୁଡା ତହସିଲ ପାକଖୋଲା ପଞ୍ଚାୟତର ମିସିଙ୍ଗଗୁଡା ଗ୍ରାମର ୨୭ ମାମଲାର ବୈଧତା ରହିଥିବା ଆଲୋଚନା ବେଳେ ଡିଏଲସି ପକ୍ଷରୁ କୁହାଯାଇଥିଲା। ସେହିପରି ଭାରତମାଳା ଜାତୀୟ ରାଜପଥର ବିଭିନ୍ନ ଡାଇଭର୍ସନ ରାସ୍ତା କାର୍ଯ୍ୟରେ କୋରାପୁଟ ଉପଖଣ୍ଡର ଦଶମନ୍ତପୁର, କୋରାପୁଟ, ପଟ୍ଟାଙ୍ଗି, ସେମିଳିଗୁଡା ଓ ଜୟପୁର ଉପଖଣ୍ଡର ବୋରିଗୁମ୍ମା ଆଦି ୫ଟି ବ୍ଲକର ୩୦ ଗ୍ରାମରେ ଥିବା ୪୨.୮୧୯୨ ହେକ୍ଟର ରାଜସ୍ୱ ଜଙ୍ଗଲ ଓ ୫.୪୭୦୨ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ରହିଛି। ଏହିଜମିଗୁଡିକ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରୁ ବୋରିଗୁମ୍ମା ବ୍ଲକର ୭ ଗ୍ରାମର ୧୩.୨୯୩୩ ହେକ୍ଟର ଜଙ୍ଗଲ ଜମି ରହିଥିବା ଜଣାଯାଇଛି। ଏହି ଜଙ୍ଗଲ ଜମି ସମସ୍ୟାର ସମାଧାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ସମ୍ପୃକ୍ତ ତହସିଲ ଅଞ୍ଚଳର ତହସିଲଦାରମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ପେଣ୍ଡ୍ରାଣୀ ମନ୍ଦିରର ମୁଖ୍ୟ ରାସ୍ତା ଅବସ୍ଥା ଦୟନୀୟ



ଉମରକୋଟ, ୫।୪(ସ୍ୱ.ପ୍ର.): ଉମରକୋଟ ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ପେଣ୍ଡ୍ରାଣୀ। ଠାକୁରାଣୀଙ୍କ ପାଖକୁ ଓଡ଼ିଶା ଓ ଛତିଶଗଡ଼ର ଭକ୍ତମାନେ ମନସ୍କାମନା ପୂରଣ ପାଇଁ ଆସିଥାନ୍ତି। ଭକ୍ତ ଯାହା ମନସ୍କାମନା କରନ୍ତି ତାହା ପୂରଣ ମଧ ହୋଇଥାଏ ବୋଲି ବିଶ୍ୱାସ ରହିଛି। କିନ୍ତୁ ମାଁଙ୍କ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଦୟନୀୟ। ଏଥିସହ ମାଁଙ୍କ ମନ୍ଦିରର ପ୍ରବେଶ ପଥ ରାସ୍ତା ଭାଙ୍ଗିପଡିଛି। ସୂଚନାନୁଯାୟୀ କିଛିଦିନ ପୂର୍ବରୁ କୌଣସି ଏକ ବଡ଼ ଗାଡ଼ି ମନ୍ଦିର ଭିତରକୁ ପ୍ରବେଶ କରିବା ସମୟରେ ଆପ୍ରୋଚ୍ ରାସ୍ତା ଭାଙ୍ଗିଯାଇଛି। ପ୍ରତିଦିନ ମାଁଙ୍କ ନିକଟକୁ ଅନେକ ଭକ୍ତ ମନ୍ଦିରକୁ ଆସିଥାନ୍ତି। ବିଶେଷକରି ଏଠାରେ ପ୍ରତି ରବିବାର ଭକ୍ତଙ୍କ ଭିଡ଼ ଜମେ। ମନ୍ଦିରର ପ୍ରବେଶ ପଥ ଭାଙ୍ଗିଯାଇଥିବା ଯୋଗୁ ଭକ୍ତ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗତ ବର୍ଷ ପ୍ରବେଶ ପଥରେ ସ୍ଲାବ୍ ଓ ଆପ୍ରୋଚ୍ ରୋଡ୍ ପୂର୍ତ୍ତ ବିଭାଗ ପକ୍ଷରୁ ତିଆରି କରାଯାଇଥିଲା। ଏହାର ମରାମତି ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ପୌର ପରିଷଦ ଏହା କରିବ ବୋଲି ସେ କହିଛନ୍ତି। ଏ ନେଇ ପୌରାଧକ୍ଷା ରାଧା ଭତ୍ରାଙ୍କୁ ପଚାରିବାରୁ ଅତିଶୀଘ୍ର ମରାମତି କରାଯିବ ବୋଲି ସେ କହିଛନ୍ତି।

### କଳାଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୫।୪(ନି.ପ୍ର.): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡ଼ାରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଅବକାରୀ ବିଭାଗ ବହୁ ମଦଭାଟି ଭାଙ୍ଗିବା ସହ ଘଟଣାସ୍ଥଳରୁ ୮ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀମଦ ନଷ୍ଟ କରିଛି। ମଦ ମାଫିଆମାନେ ମଦ ଓ ପୋଚ ଲୁଚାଇ ରଖିଥିବା ନେଇ ଅବକାରୀ ବିଭାଗ ଖବର ପାଇ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ମାଫିଆମାନେ ଖସି ପଳାଇଛନ୍ତି।

### ଚିକିତ୍ସାଧୀନ ଅବସ୍ଥାରେ ସ୍ୱାମୀ ମୃତ

#### କିରୋସିନ ଢ଼ାଳି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ ମାମଲା

ଭଞ୍ଜନଗର, ୫।୪(ଡି.ଏନ.ଏ): ଭଞ୍ଜନଗର ଥାନା ଅଧୀନ କୁଲାଡ଼ର ପ୍ରଫୁଲ୍ଲ କୁମାର ସାବତ (୭୦)ଙ୍କୁ ତାଙ୍କ ସ୍ତ୍ରୀ କିରୋସିନି ଢାଳି ହତ୍ୟା ଉଦ୍ୟମ କରିଥିଲେ। ବୁଧବାର ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପ୍ରଫୁଲ୍ଲଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ବିବାହ କରିଥିଲେ। ବାହାଘରର କିଛିମାସ ପରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ମଙ୍ଗଳବାର ପ୍ରଫୁଲ୍ଲ ଘର ସମ୍ମୁଖରେ ବସିଥିବାବେଳେ ସ୍ତ୍ରୀ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ। ଏ ନେଇ ଥାନାଧିକାରୀ ଧୀରେସ ଦାସଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ତାହା ସମ୍ଭବପର ହୋଇପାରିନାହିଁ। ମୃତ୍ୟୁ ପୂର୍ବରୁ ପ୍ରଫୁଲ୍ଲ ସ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିଥଲେ।

# ଟଙ୍କା ଆଦାୟ କରୁଥିବା ବ୍ୟକ୍ତିଙ୍କୁ ଘେରିଲେ ଗ୍ରାମବାସୀ



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।



ସଞ୍ଜୟ ଲୋକଙ୍କୁ ଦେଇଥିବା ଟିଣ ପ୍ଲେଟ ଓ ରସିଦ୍।

## ସ୍ୱଚ୍ଛ ଭାରତ ଯୋଜନା ନାମରେ ଘର ପିଛା ଆଦାୟ କରୁଥିଲେ ୩୦ ଟଙ୍କା

ପାପଡ଼ାହାଣ୍ଡି,୫।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟରେ ସ୍ୱଚ୍ଛ ଭାରତ ଯୋଜନା ନାମରେ ଟଙ୍କା ଆଦାୟ କରୁଥିବା ବ୍ୟକ୍ତିଙ୍କୁ ବୁଧବାର ଘେରିଛନ୍ତି ଗ୍ରାମବାସୀ। ବ୍ୟକ୍ତିଙ୍କ କାର୍ଯ୍ୟାକଳାପରେ ବିଶ୍ୱାସ ନ କରି ତାଙ୍କୁ ଅଟକ ରଖି ଗ୍ରାମବାସୀ ପୋଲିସ ଓ ସରପଞ୍ଚଙ୍କୁ ଡକାଇଥିଲେ। ପୋଲିସ ଓ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ବ୍ୟକ୍ତିଙ୍କୁ ଛଡା ଯାଇଛି। ଏହାର ତଦନ୍ତ କରି ଲୋକଙ୍କ ଟଙ୍କା ଫେରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ସୂଚନାନୁଯାୟୀ, ଶିରିଶି ପଂଚାୟତ ବାନୁଆଗୁଡା, ଦାଡ଼ିଆ ଗୁଡା ଓ ଏକରୀ ଅଞ୍ଚଳରେ ସଞ୍ଜୟ ସାହା ନାମକ ଜଣେ ବ୍ୟକ୍ତି କିଛି ଦିନ ହେଲା ଘର ଘର ବୁଲି ଲୋକଙ୍କୁ ଆଧାର କାର୍ଡ, ଭୋଟ କାର୍ଡ ମାଗି ୩୦ ଟଙ୍କା ଲେଖାଏ ଆଦାୟ କରି ସ୍ୱଚ୍ଛ ଭାରତ ଅଭିଯାନର ଏକ ଟିଣ ପ୍ଲେଟ ଦେଉଥିଲେ। ଯେଉଁମାନେ ନାମ ପଞ୍ଜିକରଣ ନ କରିବେ ସେମାନଙ୍କ ଚାଉଳ କାର୍ଡ, ଆଧାର କାର୍ଡ କଟିଯିବା ସହ ଘର ମିଳିବ ନାହ ବୋଲି କହିଥିଲେ। ଲୋକେ ଡରି ସଞ୍ଜୟଙ୍କୁ ୩୦ ଟଙ୍କା ଲେଖାଏ ଦେଇଥିଲେ। ସଞ୍ଜୟ ସେମାନଙ୍କୁ ଏକ ରସିଦ ସହ ଘର ନମ୍ବର, ବ୍ୟକ୍ତିଙ୍କ ନାମ ଓ ୱାର୍ଡ ନମ୍ବର ଉଲ୍ଲେଖ ଥିବା ଏକ ଟିଣର ପ୍ଲେଟ ଦେଉଥିଲେ। ବୁଧବାର ବାନୁଆଗୁଡାରେ ଟଙ୍କା ଆଦାୟ ସମୟରେ କେତେଜଣ ଲୋକ ଏହାକୁ ସନ୍ଦେହକରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କର ପରିଚୟ ପତ୍ର ଓ କେଉଁ ସଂସ୍ଥାରୁ ସେ ଆସିଛନ୍ତି ବୋଲି କୈଫିୟତ ମାଗିଥିଲେ। ସଞ୍ଜୟ କେବଳ ନିଜର ଆଧାର କାର୍ଡ ଦେଇଥିଲେ। ସଂସ୍ଥା ପକ୍ଷରୁ ତାଙ୍କର କୌଣସି ପରିଚୟ ପତ୍ର ଦେଇ ପାରି ନ ଥିଲେ। ଏ ନେଇ ସ୍ଥାନୀୟ ଲୋକେ ପାପଡ଼ାହାଣ୍ଡି ପୋଲିସକୁ ଖବର ଦେବାପରେ ପୋଲିସ ସଞ୍ଜୟଙ୍କୁ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲା। ସଞ୍ଜୟ ପାପଡ଼ାହାଣ୍ଡି ଶିଶୁ ବିକାଶ ଅଧିକାରୀଙ୍କଠାରୁ ପାଇଥିବା ସଚେତନତା ପତ୍ର ଦେଖାଇଥିଲେ। ପରେ ପୋଲିସ ଶିଶୁ ବିକାଶ ଅଧିକାରୀ ସହ କଥା ହୋଇଥିଲେ। ଏଥିସହ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ତୁଲାରାମ ଭତରାଙ୍କୁ ଡକାଇ ଆଲୋଚନା କରି ସଞ୍ଜୟକୁ ଛାଡିଥିଲେ। ଜୋର ଜବରଦସ୍ତ ଟଙ୍କା ଆଦାୟ ନ କରି ଯେଉଁମାନଙ୍କ ଇଚ୍ଛା ନାହିଁ ସେମାନଙ୍କ ଟଙ୍କା ଫେରସ୍ତ ଦେବା ଲାଗି ଆଲୋଚନା ହୋଇଥିଲା। ଏ ନେଇ ସିଡିପିଓ ଏସ୍. ଗୀତାଙ୍କୁ ପଚାରିବାରୁ ସ୍ୱଚ୍ଛ ଭାରତ ଅଭିଯାନରେ ଲୋକଙ୍କୁ ସଚେତନ କରିବା ଲାଗି ବ୍ୟକ୍ତି ଜଣକ ଆସିବା ପରେ ତାଙ୍କୁ ଅନୁମତି ପତ୍ର ଦିଆଯାଇଥିଲ। ତେବେ ଟଙ୍କା ଆଦାୟ ନେଇ ସେ କିଛି କହି ନ ଥିବା ସିଡିପିଓ କହିଛନ୍ତି। ଗୁରୁବାର ସଞ୍ଜୟଙ୍କୁ ଡକାଇ ଏବିଷୟରେ ପଚାରିବେ ବୋଲି ସେ କହିଛନ୍ତି। ସଞ୍ଜୟ ପତ୍ର ଦେଖାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିବା ଗଞ୍ଜା ନାୟକ, ଜିମେଇ ଭତରା, ଡୋମାନି ଭତରା,ଧନେଇ ଲୋହରା, ତିଳୋତ୍ତମା ଲୋହାରା, କୁନ୍ତଳା ନାୟକ, ସାବିତ୍ରୀ ନାୟକ, ଦେବକୀ ଭତରା, ସେନା ଲୋହରା, ହୀରାଧର ଲୋହରା, ଅସ୍ତି ଭତରା, ସାହାରା ମାଝି, ଗଙ୍ଗେଇ ଭତରା,ସନେଇ ନାୟକ, ଭଗବତୀ ଭତରା ପ୍ରମୁଖ ଅଭିଯୋଗ କରିଛନ୍ତି। ପୂର୍ବରୁ ଏପରି ଜଣେ ଯୁବକ ଆସି ଗ୍ୟାସ ମିଳିବ କହି ୫୦୦ ଟଙ୍କା ଲେଖାଏ ଆଦାୟ କରି ଟଙ୍କା ନେଇ ଚାଲି ଯାଇଥିବା ଗ୍ରାମବାସୀ କହିଛନ୍ତି।

# ଖାଦ୍ୟ,ବସ୍ତ୍ର,ବାସଗୃହ ଭଳି ଶିକ୍ଷା ଏକ ମୌଳିକ ଆବଶ୍ୟକତା

## ଓଁ ମା ଗାୟତ୍ରୀ ବିଦ୍ୟାପୀଠରେ ୬ଷ୍ଠ ବାର୍ଷିକ ଉତ୍ସବ

ଝରିଗାଁ,୫।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ଓଁ ମା ଗାୟତ୍ରୀ ବିଦ୍ୟାପୀଠର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନେ ପ୍ରଥମେ ବିଦ୍ୟାଳୟର ନୂତନ ଶ୍ରେଣୀଗୃହ ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧକ୍ଷା ଶୋଭାରଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଆମ୍‌ା ଅଧକ୍ଷ ଟିକଚାନ୍ଦ ମାଝି ପ୍ରମୁଖ ଯୋଗଦେଇଥିଲେ। ଖାଦ୍ୟ,ବସ୍ତ୍ର,ବାସଗୃହ ଭଳି ଶିକ୍ଷା ମଧ ଗୋଟିଏ ମୌଳିକ ଆବଶ୍ୟକତା। ତେଣୁ ଶିକ୍ଷାକୁ କିପରି ଭଲ ଭାବେ ଗ୍ରହଣ କରିବା ସେଥିପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟ ଅତିଥି କହିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଭିତ୍ତିଭୂମିକୁ ଗୁରୁତ୍ୱ ଦେବାକୁ ବିଧାୟକ କହିଥିଲେ। ଏଥିସହ ସେ ନିଜ ପାଣ୍ଠିରୁ ନୂତନ ସ୍କୁଲଗୃହ ନିର୍ମାଣ ପାଇଁ ୫ ଲକ୍ଷ ଅନୁଦାନ ଘୋଷଣା କରିଥିଲେ। ଛାତ୍ରୀ ରିତିକା ବାରହି, ଜ୍ୟୋତିଶିଖା ପ୍ରଧାନୀ,ତନୁଜା ମାଳୀ, ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ, ପୁଷ୍ପାଞ୍ଜଳି ନାୟକ, ସଫିଆ ଦୟାଲୁ, ମେଘନା ବେହେରା ପ୍ରମୁଖ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରୁପ୍ ଡ୍ୟାନ୍ସ, ନାଟକ, ନୃତ୍ୟ, ଏକକ ଅଭିନୟ, ଫାନ୍ସି ଡ୍ରେସ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶିକ୍ଷକ ନରେଶ ସାନି, ବରୁଣ ମାଝି, ଚୈତନ୍ୟ ମାଝି, ତନୁଜା ପାଣ୍ଡେ, ରଞ୍ଜନ ପାଣ୍ଡେ, ବବିତା ସାହୁ, ହରେଶ ସାରି, ଭବାନୀ ସୁନାନୀ, ସନ୍ତୋଷୀ ପନକା, ଗୀତାଞ୍ଜଳି ରାଉତ, ଝରଣା ନାୟକ, ଅର୍ପିତା ବ୍ରହ୍ମା, ଲକ୍ଷ୍ମୀ ଗଳରି, ବୁଧବାରୀ ଗୌଡ଼, ବିପିନ ଖରାଙ୍କ ସହ ଅଭିଭାବକ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।




ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ମହିଳା ମହାବିଦ୍ୟାଳୟରେ ଫୁଡ ଫେୟାର୍




ଫୁଡ ଫେୟାରରେ ଉପସ୍ଥିତ ଅଧାପିକା ଓ ଅଧାପକମାନେ।

ରାୟଗଡା ଅଫିସ,୫।୪

ରାୟଗଡ଼ା ମହିଳା ମହାବିଦ୍ୟାଳୟ ହୋମ ସାଇନ୍ସ ବିଭାଗ ଦ୍ୱାରା ବୁଧବାର ଦିନିକିଆ ମେଗା ଫୁଡ ଫେୟାର୍ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଓ ସୋମନାଥ ପ୍ରଧାନ ଏଥିରେ ଯୋଗଦେଇ ଫିତାକାଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥିସହ ଟୋକନ ଦେଇ ଖାଦ୍ୟଗୁଡିକୁ ଚାଖିବା ସହ କିପରି ପ୍ରସ୍ତୁତ ହୋଇଛି ପଚାରି ବୁଝିଥିଲେ। କାର୍ଯ୍ୟକ୍ରମରେ ୬୦ ଜଣ ପ୍ରତିଯୋଗୀ ନିଜେ ନିଜର ଖାଦ୍ୟ ପ୍ରସ୍ତୁତ କରି ଏଠାରେ ପ୍ରଦର୍ଶନ କରିଛନ୍ତି। ଫାଷ୍ଟଫୁଡ ଠାରୁ ଆରମ୍ଭ କରି ବିରିୟାନୀ ସ୍ନାକ୍ସ ଆଇଟମ ମଧ ଛାତ୍ରୀମାନେ ପ୍ରଦର୍ଶିତ କରିଛନ୍ତି । ମାଣ୍ଡିଆ କେକ, ମାଣ୍ଡିଆ ସୁପ, ମାଣ୍ଡିଆ ବିସ୍କୁଟ ଆଦି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ, ପାରମ୍ପରିକ ଖାଦ୍ୟ ସହ ମୋମ ପରି ଆଧୁନିକ ଖାଦ୍ୟ ମଧ ତିଆରି କରିଥିଲେ। ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି, ହୋମ ସାଇନ୍ସ ବିଭାଗର ଅଧାପିକା ନିହାରବାଲା ପଣ୍ଡା, ଭାରତୀ ଚୌଧୁରୀ, ଶ୍ରଦ୍ଧାଞ୍ଜଳି ପଣ୍ଡା ଛାତ୍ରୀମାନଙ୍କୁ ଗାଇଡ଼ କରି ରେସିପି ଗୁଡିକୁ କିପରି ଭଲରେ କରିବେ ବୁଝାଇଛନ୍ତି। ଏହା ଏକ ପ୍ରକାର ଭୋକେଶନାଲ ଟ୍ରେନିଂ ବୋଲି କଲେଜ ଅଧକ୍ଷା ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି। କ୍ୟାପଟେନ ରିତାରାଣୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଛାତ୍ରୀମାନେ ପ୍ରସ୍ତୁତ କରିଥିବା ଖାଦ୍ୟର ଟୋକନ ଦିଆଯାଉଥିଲା। ଗ୍ରାହକମାନେ ଯାହା ଖାଇବା ଇଚ୍ଛା ଟଙ୍କା ଦେଇ ଟୋକନ ନେଇ ଖାଉଥିଲେ । ଗ୍ରାହକମାନେ ଏପରି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ରାୟଗଡାରେ ପ୍ରବଳ ବର୍ଷା ସତ୍ତ୍ୱେ ଲୋକଙ୍କ ଭିଡ କମି ନ ଥିଲା ।

## ଅଟୋକୁ ପିଟିଲା କାର, ୨ ଆହତ

ଗୋପାଳପୁର,୫।୪(ଡି.ଏନ.ଏ.)

୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧୀନ ଗୋଳନ୍ଥରା ଚଟି ଛକ ନିକଟରେ ବୁଧବାର ଭୋରରେ ଏକ କାର ଭାରସାମ୍ୟ ହରାଇ ଡାଲା ଅଟୋକୁ ପଛରୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲାଠି ଗ୍ରାମର ବାବୁଲା ସ୍ୱାଇଁ, ଓ ରୋଇ ଗାଁର ସଞ୍ଜୟ ସାହୁ। ଡାଲା ଅଟୋ (ନଂ ଓଡି୦୭ସି –୫୭୪୪)ରେ ବିଭିନ୍ନ ପ୍ରକାର ଫଳ ଲୋଡ଼ କରି ବ୍ରହ୍ମପୁରରୁ ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ଗୋଳନ୍ଥରା ଗାଁ ଛକରେ ଏକ କାର (ନଂ ଓଆର୦୨ ବିଏକ୍ସ –୬୨୧୬) ଦ୍ରୁତ ଗତିରେ ଆସି ପଛପଟୁ ଅଟୋଟିକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାଜପଥରେ ଓଲଟି ପଡିବା ସହ ଚାଳକ ଓ ବସିଥିବା ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବାଲୁଲା ଓ ସଞ୍ଜୟଙ୍କୁ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାବୁଲାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଅଟୋକୁ ନିଜ ହେପାଜତକୁ ନେଇଥିବା ବେଳେ କାର ଚାଳକକୁ କାବୁ କରିଥିଲା।

## ଗଣତନ୍ତ୍ର, ଶାସନ ନୀତିରେ ଯୁବପିଢ଼ିଙ୍କ ଭୂମିକା ଶୀର୍ଷକ ଆଲୋଚନା

ନବରଙ୍ଗପୁର,୫।୪(ବି.ପ୍ର.)

ନବରଙ୍ଗପୁର ମହାବିଦ୍ୟାଳୟାର ୱାଇ–୨୦, ଜି–୨୦ ଜିଲାସ୍ତରୀୟ ଯୁବ ଆଲୋଚନା ଆୟୋଜିତ ହୋଇଛି। ଗଣତନ୍ତ୍ର ଏବଂ ଶାସନ ନୀତିରେ ଯୁବପିଢିଙ୍କ ଭୂମିକା ସମ୍ପର୍କରେ ହୋଇଥିବା ଏହି ଆଲୋଚନାଚକ୍ରରେ ଚନ୍ଦାହାଣ୍ଡି ପାନବେଡ଼ା ଡ଼ିଗ୍ରୀ କଲେଜ, ଡାବୁଗାଁ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଏବଂ ନବରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ଅଧାପିକା ନିର୍ମଳା ହିକ୍‌କା, ଅଧାପକ ହରିଶ୍ ଚନ୍ଦ୍ର ଶବର ଏବଂ ଇଂରାଜୀ ବିଭାଗର ଅଧାପିକା ରଜନୀ ମିଞ୍ଜି ବିଚାରକ ଦାୟିତ୍ୱ ତୁଲାଇଥିଲେ। ନବରଙ୍ଗପୁର ମହାବିଦ୍ୟାଳର ଅଧକ୍ଷ ଡକ୍ଟର ଭାସ୍କର ନାଥ ବିଶ୍ୱାଳ,ଅର୍ଥନୀତି ବିଭାଗର ଅଧାପକ ଦିଲ୍ଲୀପ ହୋତା ଏବଂ ଦର୍ଶନ ଶାସ୍ତ୍ର ବିଭାଗର ଅଧାପକ ଶମ୍ଭୁ ପ୍ରସାଦ ହୋତା ଉପସ୍ଥିତ ଥିଲେ। ନବରଙ୍ଗପୁର ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସମୀକ୍ଷା ମହାପାତ୍ର ପ୍ରତିଯୋଗିତାରେ ପ୍ରଥମ ହୋଇଥିଲେ। ସେ ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ ଯୁବ ଆଲୋଚନା ପାଇଁ ମନୋନୀତ ହୋଇଛନ୍ତି। ଭାଗନେଇଥିବା ଅନ୍ୟ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ନବରଙ୍ଗପୁର ମହାବିଦ୍ୟାଳୟର ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମାନସୀ ମହାପାତ୍ର ଏବଂ ଜାହାଙ୍ଗୀର ମହମ୍ମଦ ସଂଯୋଜନା କରିଥିଲେ।




କାର୍ଯ୍ୟକ୍ରମରେ ଜଣେ ଛାତ୍ରୀ ନିଜ ମତ ଦେଉଛନ୍ତି।

# ରାସ୍ତାରେ ପଡ଼ିଲା ଗଛ, ବିଦ୍ୟୁତ ସେବା ବ୍ୟାହତ

## ଅଦିନିଆ ଝଡ଼ବର୍ଷାର ତାଣ୍ଡବ

ରାୟଗଡ଼ା,(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୫।୪

ବୁଧବାର ସନ୍ଧ୍ୟାରେ ଅଦିନିଆ ଝଡ଼ବର୍ଷା ଯୋଗୁ ରାୟଗଡ଼ା ସହର ସମେତ ରାୟଗଡ଼ା–କୋରାପୁଟ ରାସ୍ତାର ବିଭିନ୍ନ ସ୍ଥାନରେ ଗଛଗୁଡ଼ିକ ଭାଙ୍ଗି ପଡ଼ିଛି। ରାୟଗଡ଼ା ସହରର ରିଙ୍ଗରୋଡ଼ ସ୍ଥିତ ଯୁଜିଏମଆଇଟି ଏବଂ ନ୍ୟୁ କଲୋନୀ ସ୍ଥିତ ବିଗନାନ ବିଦ୍ୟାଳୟଠାରେ ମଧ ୨ଟି ଗଛ ଭାଙ୍ଗିପଡ଼ିଛି । ରାୟଗଡ଼ା–କୋରାପୁଟ ରାସ୍ତାର କୋଟଲାଗୁଡ଼ା ଠାରୁ ହାଲୁଆ ଏବଂ ହାଲୁଆ ଠାରୁ କଟିଂଗୁଡ଼ା ସମେତ ଗୁମ୍ମା ପର୍ଯ୍ୟନ୍ତ ଗଛ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ମୁକୁନ୍ଦପୁର ଘାଟିରେ ମାଟି ଅତଡ଼ା ଧସିଥିବା ସୂଚନା ମିଳିଛି । ରାୟଗଡ଼ା ଅଗ୍ନିଶମ ବାହିନୀ ଗଛଗୁଡ଼ିକ କାଟି ରାସ୍ତା ସଫା କରୁଛନ୍ତି। ସନ୍ଧ୍ୟା ୫ଟାରୁ ପ୍ରବଳ ବର୍ଷା କାରଣରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି । ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ କହିଛନ୍ତି, ବିଭାଗୀୟ କର୍ମଚାରୀ ସହରର ସମସ୍ତ ସ୍ଥାନରେ ଟେଷ୍ଟିଂ ଜାରି ରଖିଛନ୍ତି । ଗଛ କାଟି ସଫା ହୋଇଯିବା ପରେ ଶୀଘ୍ର ମରାମତି କରି ୧ ଘଣ୍ଟା ମଧ୍ୟରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଯିବ ବୋଲି ସୂଚନା ଦେଇଛନ୍ତି ।



ଝଡ଼ବର୍ଷାରେ ଉପୁଡି ପଡିଥିବା ଗଛ।

# ବିଷୁବ ମିଳନ ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର,୫।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରରେ ମହାବିଷୁବ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ନବ ନିର୍ମାଣ ସମିତି ଓ ବଂଶଧାରା ସାହିତ୍ୟ ସମାଜର ମିଳିତ ଆନୁକୂଲ୍ୟରେ ୧୧ ତମ ବିଷୁବ ମିଳନ ଏଥର ମହା ଆଡ଼ମ୍ବରରେ କାଳୀପୂଜା ମଣ୍ଡପରେ କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ଯଥା କବିତା ପାଠୋତ୍ସବ, ସମ୍ବର୍ଦ୍ଧନା, ପଣା ବଣ୍ଟନ ପ୍ରସାଦ ସେବନ, ପଞ୍ଜିକା ପଠନ, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନବ ନିର୍ମାଣ ସମିତି ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୌରଉପାଧକ୍ଷ ଶିବ ପ୍ରସାଦ ଗୌଡ଼, ସୁରେନ୍ଦ୍ର ମିଶ୍ର, ପ୍ରଭାତ ଶତପଥୀ, ମୁନା ପାଣି, ଅନିଲ ସାହୁକାର, ମିଲି ପାଢ଼ୀ, ଉମା ଦାସ, ପ୍ରାଣକୃଷ୍ଣ ପାଣିଗ୍ରାହୀ, ତିରୁପତି ରଥ, ନିଳମାଧବ ଦାସ, ଦୁର୍ଗା ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଧାୟକଙ୍କ ଟେଙ୍ଗାତୋଟା ଶ୍ମଶାନ ପରିଦର୍ଶନ

ଜୟପୁର,୫।୪(ନି.ପ୍ର.): ଟେଙ୍ଗାତୋଟା ଶ୍ମଶାନ ପରିଦର୍ଶନ କଲେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି । ଇନ୍ଦିରା ପଣ୍ଡା ଛକ ନିକଟରେ ଥିବା ଏହି ଶ୍ମଶାନର ବିକାଶ କାର୍ଯ୍ୟ ଜାରି ରହିଛି । ଏହାର ସମୀକ୍ଷା କରିଛନ୍ତି ବିଧାୟକ ବାହିନୀପତି । ବିଧାୟକଙ୍କ ସହ ଜୟପୁର ପୌରାଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ।

# ରାଜନେତାଙ୍କ ପଶାପାଲିରେ ପର୍ବପର୍ବାଣି

ଆଶିଷ ରଞ୍ଜନ ପଣ୍ଡା
ରାୟଗଡ଼ା,୫।୪

ଏକଦା ଭାଇଚାରାର ଅନନ୍ୟ ଉଦାହରଣ ସୃଷ୍ଟି କରିଥିବା ରାୟଗଡ଼ା ସହର ଏବେ ରାଜନୀତି ପଶାପାଲି କବଳରେ । ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି। ପୂର୍ବରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାଇଚାରାରେ ବିଭିନ୍ନ ପର୍ବପର୍ବାଣୀ ପାଳନ କରାଯାଉଥିଲା। ହେଲେ ଗତ କିଛିବର୍ଷ ହେଲା ରାଜନୈତିକ ଦଳର ଗୋଷ୍ଠୀ କନ୍ଦଳ କାରଣରୁ ହିନ୍ଦୁ ପର୍ବପର୍ବାଣିଗୁଡିକ ପୃଥକ ଭାବେ ପାଳନ କରାଯାଉଥିବା ଦେଖାଯାଉଛି। ଯାହାକି ବର୍ତ୍ତମାନର ଯୁବପିଢ଼ିଙ୍କୁ ଭୁଲ ମାର୍ଗରେ ନେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି। ଅନ୍ୟପକ୍ଷରେ ରାଜନେତାଙ୍କ ନିଜ ନିଜ ମଧରେ କଳି ପାଇଁ ଜିଲାର ପରମ୍ପରା ବଳି ପଡୁଛି।

ରାୟଗଡ଼ା ସହରରେ ୧୦ବର୍ଷ ଧରି ଗୋଟିଏ ସ୍ଥାନରେ ପାଳନ ହୋଇ ଆସୁଥିବା ତେଲୁଗୁ ସମ୍ପ୍ରଦାୟଙ୍କ ନୂଆବର୍ଷ ଉଗାଦି ଉତ୍ସବ ଚଳିତବର୍ଷ ପୃଥକ ଦୁଇଟି ସ୍ଥାନରେ ପାଳନ ହୋଇଥିବା ଦେଖାଯାଇଥିଲା। ଦୁଇ ଗୋଷ୍ଠୀ ନିଜ ସମର୍ଥକ ଯୋଗାଡ଼ରେ ଲାଗି ପଡ଼ିଥିଲେ। ଏଭଳିକି ଚର୍ଚ୍ଚାରେ ରହିବା ପାଇଁ ଉଭୟ ଗୋଷ୍ଠୀ ଟଲିଉଡର ଲୋକପ୍ରିୟ କଳାକାରଙ୍କୁ ଡାକି ନିଜ ଦମ ଦେଖାଇବାକୁ ପଛାଇ ନ ଥିଲେ। ଯେଉଁଥିପାଇଁ ବ୍ୟାପକ ଅର୍ଥ ମଧ ଖର୍ଚ୍ଚ ହୋଇଛି। ସେହିପରି ଆସନ୍ତା ୧୪ ତାରିଖରେ ଓଡ଼ିଆ ନବବର୍ଷ ତଥା ବିଷୁବ ସଂକ୍ରାନ୍ତି ପାଳନକୁ ନେଇ ମଧ ରାୟଗଡ଼ା ସହରରେ ପ୍ରତିଯୋଗିତା ଚାଲିଛି। ପ୍ରତ୍ୟେକ ଘରେ, ସାହିରେ ଓ ମନ୍ଦିରଗୁଡିକରେ ପଣା ସଂକ୍ରାନ୍ତି ପାଳନ ହେଉଥିଲେ ମଧ ୨୦୧୧ରେ ଓଡ଼ିଆ ନୂଆବର୍ଷ ପର୍ବକୁ ବଡ଼ ଆକାରରେ କରିବାକୁ ଚିନ୍ତା କରି କିଛି ବ୍ୟକ୍ତିବିଶେଷ ବିଷୁବ ବନ୍ଧୁ ମିଳନ ଆରମ୍ଭ କରିଥିଲେ। ପାଞ୍ଜି ପଠନ ଓ ପଣା ବଣ୍ଟନ ଆଦି କାର୍ଯ୍ୟକ୍ରମ ହେଉଥିଲା। ହେଲେ ଏହାକୁ ଏକ ରାଜନୈତିକ ଚକ୍ରାନ୍ତ ଭାବି କେତେକ ଦଳ ଏକତ୍ରିତ ହୋଇ ୨୦୧୭ରେ ଆଉ ଏକ ସ୍ଥାନରେ ବିଷୁବ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କଲେ। ତେବେ ଉକ୍ତ ଗୋଷ୍ଠୀ ୨ ବର୍ଷ ଏପରି କାର୍ଯ୍ୟକ୍ରମ କରି ପରେ କୌଣସି କାରଣବଶତଃ ଆଉ ବନ୍ଧୁମିଳନ ଆୟୋଜନ କରି ନ ଥିଲେ। ଚଳିତବର୍ଷ ପୃଥକ ୩ଟି ସ୍ଥାନରେ ପାଳନ ହେବାକୁ ଯାଉଛି ବିଷୁବ ବନ୍ଧୁ ମିଳନ। ରାଜନୈତିକ ଦଳର ଗୋଷ୍ଠୀ ବିବାଦ ଏହାର ମୁଖ୍ୟକାରଣ ବୋଲି ଚର୍ଚ୍ଚା ହେଉଛି। ଏପାଟେ ପର୍ବପର୍ବାଣି ଓ ଉତ୍ସବ ପାଳନରେ ଆର୍ଥିକ ସହଯୋଗ କରୁଥିବା କେତେକ ବ୍ୟବସାୟୀ ଏବଂ ମଧ୍ୟବିତ ପରିବାର ପାଇଁ ଏହା ଚିନ୍ତାର କାରଣ ହୋଇଛି। ଗୋଟିଏ ଗୋଷ୍ଠୀକୁ ଚାନ୍ଦା ଦେଇ ଅନ୍ୟ ଦୁଇ ଗୋଷ୍ଠୀଙ୍କୁ ନ ଦେଲେ ସେମାନଙ୍କ ଆକ୍ରୋଶର ଶିକାର ହେବା ଭୟ ରହୁଛି। ସେହିପରି ରାଜନେତାଙ୍କ ନିଜ ନିଜ ମଧରେ କଳି ପାଇଁ ଜିଲାର ଉନ୍ନତି ଓ ବିକାଶ ପଛେଇ ଯାଉଛି। ଏ ସମ୍ପର୍କରେ ଜିଲାର ସାମାଜିକ କର୍ମୀ ବଳରାମ ପଣ୍ଡା କହିଛନ୍ତି, ପର୍ବପର୍ବାଣି ପରସ୍ପର ମଧ୍ୟରେ ରହିଥିବା କଳହ, ରାଗ, ଦ୍ୱେଷକୁ ଦୂରକରି ପରିବାର ଓ ସମାଜକୁ ଏକାଠି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ହେଲେ ବର୍ତ୍ତମାନ ରାଜନେତାଙ୍କ କ୍ଷମତା ପାଇଁ ଟଣାଓଟରା ଯୋଗୁ ଚାଲିଥିବା ପର୍ବପର୍ବାଣି ଯୁଦ୍ଧ ସମାଜକୁ ଏକ ଭୁଲ ବାର୍ତ୍ତା ଦେଉଛି। ରାୟଗଡ଼ା ଭଳି ଛୋଟିଆ ସହରରେ ରାଜନେତାମାନେ ପର୍ବପର୍ବାଣିକୁ ପୃଥକ ଭାବେ କରିବା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ଅନ୍ୟ କେତେଜଣ ବୁଦ୍ଧିଜୀବୀ କହିଛନ୍ତି, ପୂର୍ବରୁ ଗୋଟିଏ ସ୍ଥାନରେ ପର୍ବପର୍ବାଣି ପାଳନ ହେଉଥିଲା, ଯାହାକି ରାୟଗଡ଼ା ସହର ସମେତ ଜିଲାବାସୀଙ୍କୁ ଏକତ୍ରିତ କରିବା ସହିତ ଭାଇଚାରାରେ ବାନ୍ଧି ରଖୁଥିଲା । ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହୁଥିବାରୁ ପରିଚିତଙ୍କୁ ଭେଟି ପାରୁନଥିଲୁ। ପର୍ବପର୍ବାଣିରେ ସେମାନଙ୍କୁ କିଛି ସମୟ ପାଇଁ ଭେଟୁଥିଲେ ମଧ ଖୁସି ହେଉଥିଲୁ। ହେଲେ ଏବେ ରାଜନେତାଙ୍କ ଗୋଷ୍ଠୀ କନ୍ଦଳ ଯୋଗୁ ଏହା ସମ୍ଭବ ହେବନାହିଁ। ଯୁବ ପିଢ଼ି ପରମ୍ପରା ବଞ୍ଚାଇ ରଖିବେ କି ନାହିଁ ସନ୍ଦେହ ସୃଷ୍ଟି ହେଉଛି। ରାଜନୀତିରେ ଚାଲିଥିବା ମତାନ୍ତର ଓ ମନାନ୍ତରକୁ ଦୂରରେ ରଖି ପର୍ବପର୍ବାଣି ଏକତ୍ରିତ ହୋଇ ପାଳନ କରିବାକୁ ସେମାନେ ମତ ରଖିଛନ୍ତି ।

### ସହରରେ ପୃଥକ ଭାବେ ପାଳୁଛନ୍ତି ଉତ୍ସବ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଏପ୍ରିଲ, ୨୦୨୩

**୫ରୁ ୭ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ନାମଲେଖା**

ଭୁବନେଶ୍ୱର,(ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା। ଏହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଖାଯିବା ପରେ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଦ୍ୱନ୍ଦ୍ୱ ଦୂର କରାଯାଇଛି। ପ୍ରି ପାଇମେରୀ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ବୟସ ସଂପୃକ୍ତ ଶିକ୍ଷାବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ସେହିପରି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ବୟସ ୫ରୁ ୭ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ବିଶେଷ ଆବଶ୍ୟକତା ଥିବା ୩ରୁ ୯ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇଛି। ନିକଟବର୍ତ୍ତୀ ବିଦ୍ୟାଳୟରେ ଆସନ ଉପଲବ୍ଧ ଥିଲେ ସେମାନେ ଯେକୌଣସି ଶ୍ରେଣୀରେ ନାମ ଲେଖାଇପାରିବେ। ତେବେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ଆୟ ପ୍ରମାଣ ପତ୍ର ପାଇଁ ବାର୍ଷିକ ଆୟ ୧ଲକ୍ଷ ୮୦ ହଜାରରୁ କମ୍ ହୋଇଥିଲେ ଉକ୍ତ ପ୍ରମାଣପତ୍ର ବୈଧ ବୋଲି ଗ୍ରହଣ କରାଯିବ।

## ସଂକ୍ଷେପରେ

### ବଦଳିବ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ରୂପରେଖ

କୁନ୍ଦୁରା,୫।୪(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ରୂପରେଖ ପ୍ରାୟ ୩୨ବର୍ଷ ପରେ ବଦଳିବ। ଏହି ମହାବିଦ୍ୟାଳୟରେ ୨୦୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢ଼ିଥାନ୍ତି। ଶ୍ରେଣୀ କୋଠରି ଛୋଟ ଥିବାରୁ ପାଠପଢ଼ାରେ ସମସ୍ୟା ହେଉଥିଲା। ଏଠାରେ ଯୁକ୍ତ ୨ କଳା ଓ ବିଜ୍ଞାନ ଏବଂ ଯୁକ୍ତ ୩ କଳା ରହିଛି। ୨ କ୍ୟାମ୍ପସ ମଧ୍ୟରେ ଶ୍ରେଣୀ ଗୃହଗୁଡ଼ିକର ବିକାଶ ପାଇଁ ଏବଂ ଅନ୍ୟତ୍ର ଶ୍ରେଣୀ ଗୃହ କରିବା ପାଇଁ ପୂର୍ବରୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳ ମହାବିଦ୍ୟାଳୟ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ସତନ୍ତ୍ର ପାଣ୍ଠିରୁ ଯୁକ୍ତ ୨ ଏବଂ ଯୁକ୍ତ ୩ କ୍ୟାମ୍ପସରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଦେଢ଼ କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି କହିଥିଲେ। ତେଣୁ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ଧ୍ୟା ସମରଥଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏନେଇ ମହା ବିଦ୍ୟାଳୟର ପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁ, ବୃନ୍ଦାବନ ପାତ୍ର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ପଞ୍ଚାନନ ଗୌଡ଼, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୯୯୩ ମସିହାରେ ସ୍ଥାପିତ ହୋଇଥିଲା ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ। ଆରମ୍ଭରେ ମହାବିଦ୍ୟାଳୟର ନିଜସ୍ୱ ଶ୍ରେଣୀଗୃହ ନିର୍ମାଣ ହୋଇ ନ ଥିବାରୁ ପାଖରେ ଥିବା ଉଚ୍ଚ ବିଦ୍ୟାଳୟରେ ପ୍ରାୟ ୫ ବର୍ଷ ଧରି ପାଠପଢ଼ା ହୋଇଥିଲା। ପ୍ରଥମେ ପ୍ରଥମେ ଯୁକ୍ତ ୨ ବୋର୍ଡ ପରୀକ୍ଷା ନେଇ ଅନୁମତି ନଥିଲା। ଛାତ୍ରୀଛାତ୍ରମାନେ କୋରାପୁଟ, ଜୟପୁର ଏବଂ କୋଟପା ମହାବିଦ୍ୟାଳୟରେ ପରୀକ୍ଷା ଦେଉଥିଲେ। ଏବେ ନିଜସ୍ୱ ମହାବିଦ୍ୟାଳୟରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। କିଛି ବର୍ଷ ହେଲା ଏହି ମହାବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷା ଖୋଲିଛି।

### ଗୋପାଳ ଗୋ ସେବା ସମିତି ବୈଠକ

ଜୟପୁର,୫।୪(ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ପାର୍ଲିଗୁଡ଼ାରେ ଥିବା ଗୋପାଳ ଗୋ ସେବା ସମିତି ବିକାଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ତାରା ପ୍ରସାଦ ବାହିନୀପତି, ସିଡିଭିଓ, ବିଡିଓ ରାଜୀବ ଦାସଙ୍କ ସହ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଗୋଶାଳାର ବିକାଶ ସହ ମୁଖ୍ୟ ରାସ୍ତାରୁ ଗୋଶାଳା ଯାଏ ନିର୍ମାଣ ଆଦି ଉପରେ ଆଲୋଚନା ହୋଇଥିଲା।

### ସଂଖ୍ୟାଲଘୁ ମଙ୍ଗଳ ବିଭାଗ ଉପଦେଷ୍ଟାଙ୍କ ଜୟପୁର ଗସ୍ତ

ଜୟପୁର,୫।୪(ନି.ପ୍ର.): ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ମଙ୍ଗଳ ବିଭାଗର ଉପଦେଷ୍ଟା ତାହେରା ଖାତୁନ ବୁଧବାର ଜୟପୁରରେ ପହଞ୍ଚିଥିଲେ। ପରେ ସଂଖ୍ୟାଲଘୁ କମ୍ୟୁନିଟି ସେଣ୍ଟର ଉର୍ଦ୍ଦୁ ସ୍କୁଲ, ଖ୍ରୀଷ୍ଟିଆପେଟା ପରିଦର୍ଶନ କରିବା ସହ ସଂଖ୍ୟାଲଘୁ ଏସ୍ଏଚ୍‌ଜି ଗ୍ରୁପ୍‌ର ସଦସ୍ୟଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହା ସହ ମସ୍‌ଜିଦ ମଧ୍ୟ ପରିଦର୍ଶନ କରିଥିଲେ। ଉର୍ଦ୍ଦୁ ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ପିଏ ଆଇଟିଡିଏ କୋରାପୁଟ କାରୁ ସୋରେନ, ଆଇଟିଡିଏ ଜୟପୁର ଗୋପୀନାଥ ସାରକା, ଡିଡବ୍ଲ୍ୟୁଓ ସୁନୀଲ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# 'ମାଟିଯାତ୍ରା'ରେ ପ୍ରକୃତିର ଉପାସନା

ଉମରକୋଟ, ୫।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକର ଅଧିବାସୀମାନେ ବର୍ଷ ତମାମ ବିଭିନ୍ନ ପର୍ବପର୍ବାଣି ଓ ଯାନି ଯାତ୍ରା ବହୁ ନିଆରା ଢଙ୍ଗ ରେ ପାଳନ କରନ୍ତି। ଆଦିବାସୀମାନେ ପ୍ରକୃତିର ଉପାସକ ହୋଇଥିବାରୁ ପ୍ରକୃତି ଭିତରେ ମଧ୍ୟ ଈଶ୍ୱରଙ୍କ ଉପସ୍ଥିତିକୁ ବିଶ୍ୱାସ କରିଥାନ୍ତି। ସେମାନେ ପାଳୁଥିବା ବିଭିନ୍ନ ଜାନି ଯାତ୍ରା ମଧ୍ୟରୁ ମାଟିଯାତ୍ରା ଯାତ୍ରା ଅନ୍ୟତମ। ଚୈତ୍ରମାସରେ ପାଳିତ ହୋଇଥାଏ ମାଟିଯାତ୍ରା। ମାଟିଯାତ୍ରାର କିଛି ଦିନ ପୂର୍ବରୁ ଗ୍ରାମରେ ଏକ ବୈଠକ କରି ଯାତ୍ରା ପାଇଁ ଦିନ ଧାର୍ଯ୍ୟ କରାଯାଏ। ପରେ ଧାର୍ଯ୍ୟହାଇଥିବା ଦିନରେ ମାଟିଯାତ୍ରା ପାଳନ କରାଯାଏ। ଯାତ୍ରାର ଦୁଇଦିନ ପୂର୍ବରୁ ଗ୍ରାମର ପୂଜାରୀ ଏକ ଅଜ୍ଞାତ ସ୍ଥାନରେ ଲୁଚି ରହିଥାନ୍ତି। ମାଟି ଯାତ୍ରା ଦିବସର ପୂର୍ବାହ୍ନରେ ଗ୍ରାମ ମୁଣ୍ଡରେ ଥିବା ମାଟିଗୁଡିରେ ଆସି ମାଟି ମା'ର ପୂଜାର୍ଚ୍ଚନା


ପିଲାମାନେ ଗାଡ଼ି ଅଟକାଇ ପାଉଣା(ପାଦର) ଆଦାୟ କରୁଛନ୍ତି।

କରିବାସହ ସେଠାରେ ଧାନ ବୁଣିଥାନ୍ତି। ଉକ୍ତ ଦିନ ଗ୍ରାମର କୌଣସି ଲୋକ ବାହାରକୁ ଯିବେ ନାହିଁ କି ହଳ କରିବେ ନାହିଁ। ସେଦିନ ମାଟି ଖୋଳିବା ମଧ୍ୟ ନିଷେଦ୍ଧ କରାଯାଇଥାଏ। ଅପରାହ୍ନ ସମୟରେ ଗ୍ରାମର ପ୍ରତିଟି ଘରୁ ପୁରୁଷମାନେ ପୂଜା ସାମଗ୍ରୀ, ମାଟି ମାକୁ ଭୋଗ ଦେବାପାଇଁ କୁକୁଡ଼ା, ବତକ, ପାରା, ମେଣ୍ଢା ଆଦି ସାଙ୍ଗରେ ଧରି ମାଟିଗୁଡିରେ ପହଞ୍ଚିଥାନ୍ତି। ସାଙ୍ଗରେ ରୋଷେଇ କରିବା ପାଇଁ ରୋଷେଇ ସାମଗ୍ରୀ ନେଇକି ଯାଇଥାନ୍ତି ଓ ସେଠାରେ ପରମ୍ପରା ଅନୁଯାଇ ରୋଷେଇ କରି ଭୋଜନ କରନ୍ତି। ପୂଜା ସ୍ଥଳିରୁ କିଛି ବି ଅବଶିଷ୍ଟ ଘରକୁ ଆଣିବା ବାରଣ ଅଟେ। ଏପରିକି ଗ୍ରାମର ମହିଳା ମାନେ ମଧ୍ୟ ସେ ସ୍ଥାନକୁ ଯିବେ ନାହିଁ କି ସେଥିରେ ପୂଜା ହୋଇ ଥିବା କୌଣସି ଭୋଗ ସେବନ କରନ୍ତି ନାହିଁ। ଗ୍ରାମର କେତେଜଣ ଯୁବକ ଓ ଛୋଟ ଛୁଆମାନେ ଏକାଠି ହୋଇ ଗାଁକୁ ପ୍ରବେଶ କରୁଥିବା ଗାଡ଼ିକୁ ଅଟକାଇ ଲୋକଙ୍କଠାରୁ ମାଟିଯାତ୍ରା ନିମନ୍ତେ ପାଉଣା ଆଦାୟ କରିଥାନ୍ତି। ଏହି ରାସ୍ତା ଅବରୋଧକୁ ସ୍ଥାନୀୟ ଭାଷାରେ ପାଦର କୁହାଯାଏ। ପାଉଣା ଦେବାକୁ ଅସମର୍ଥ ବ୍ୟକ୍ତି ବିଶେଷଙ୍କ ଉପରକୁ କାଦୁଅ ଗୋଳା ଫିଙ୍ଗିବାର ପରମ୍ପରା ରହିଛି। ଏହି ଦୃଶ୍ୟଟି ଏକ କୌତୁହଳ ସୃଷ୍ଟି କରିଥାଏ। ଲୋକେ ସନ୍ଧ୍ୟା ପର୍ଯ୍ୟନ୍ତ ଯାହାକିଛି ବି ପାଉଣା ଆଦାୟ କରିଥାନ୍ତି, ସେସବୁକୁ ନେଇ ମାଟିଯାତ୍ରାରେ ଖର୍ଚ୍ଚ କରିଥାନ୍ତି।

# ଟ୍ରେନ ରହଣି ଦାବି ନେଇ ଆନ୍ଦୋଳନ ସଜବାଜ

ଅମ୍ବାଦଳା,୫।୪(ଡି.ଏନ୍.ଏ.)

ଅମ୍ବାଦଳା ଷ୍ଟେଶନରେ ଟ୍ରେନ୍ ରହଣି ଦାବିନେଇ ଅଞ୍ଚଳବାସୀ ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି। ପୂର୍ବରୁ ଏହି ଷ୍ଟେଶନରେ ଦିବାରାତ୍ର ଅନେକ ଟ୍ରେନ୍ ରହଣି କରୁଥିଲା। କୋରୋନା ସମୟରେ ସମସ୍ତ ଟ୍ରେନ ରହଣିକୁ ରେଳବିଭାଗ ପ୍ରତ୍ୟାହାର କରିଥିଲା। ଏବେ ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିଥିବା ବେଳେ ଅମ୍ବାଦଳା ଷ୍ଟେଶନରେ କିନ୍ତୁ ଟ୍ରେନଗୁଡିକ ରହୁନାହିଁ। ବାରମ୍ବାର ରେଳରୋକୋ କରାଯାଇ ବିଭାଗୀୟ ଅଧିକାରୀମାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇ ଥିବା ବେଳେ କେବଳ ପ୍ରତିଶ୍ରୁତି ମିଳୁଛି। ବୃହତ ତଥା ସୁଦୀର୍ଘ ପ୍ଲାଟଫର୍ମ ସହିତ ଯଥେଷ୍ଟ ରାଜସ୍ୱ ଆଦାୟକୁ ନିଶ୍ଚିତ କରୁଥିବା ବ୍ୟବସାୟିକ ପେଣ୍ଠସ୍ଥଳି ତଥା ରାୟଗଡା, କନ୍ଧମାଳ ଓ କଳାହାଣ୍ଡି ଜିଲାର ଏକ ବିରାଟ ଜନସଂଖ୍ୟା ଏବଂ ବିଶାଳ ଭୂଖଣ୍ଡର ଏକମାତ୍ର ବିକଳ୍ପ ଅମ୍ବାଦଳା ରେଳଷ୍ଟେଶନ ପ୍ରତି ଅବହେଳା ସ୍ପଷ୍ଟ ବାରି ହେଉଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଆସନ୍ତା ୨୩ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଅମ୍ବାଦଳା ଷ୍ଟେସନରେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି। ଅମ୍ବାଦଳାରେ ଟ୍ରେନ ଗୁଡିକର ପୁନଃ ରହଣି ଦାବି ସମ୍ବଳିତ ଏକ ସ୍ମାରକପତ୍ର ସମ୍ବଲପୁର ପୂର୍ବତଟ ରେଳ ପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଅମ୍ବାଦଳା ଷ୍ଟେଶନ ପରିଚାଳକଙ୍କୁ ଦିଆଯାଇଛି। ଧୀରେନ୍ଦ୍ର ପାଣିଗ୍ରାହୀ ଏବଂ ଦେବୀ ପ୍ରସାଦ ମୁଖାର୍ଜୀଙ୍କ ନେତୃତ୍ୱରେ ସଂଖ୍ୟାଧିକ ନାଗରିକଙ୍କ ଉପସ୍ଥିତିରେ ଦାବିପତ୍ର ଦିଆଯାଇଥିଲା।

# ଡ୍ରପ୍‌ଆଉଟ ପିଲାଙ୍କୁ ଖୋଜୁଛନ୍ତି ଶିକ୍ଷକ


ଡ୍ରପଆଉଟ ପିଲାଙ୍କୁ ଖୋଜିବାକୁ ଗାଁକୁ ଆସିଥିବା ଶିକ୍ଷକ ଟିମ୍।

ଗୁଡ଼ାରି,୫।୪(ଡି.ଏନ୍.ଏ.)

ଗୁଡ଼ାରି ସରକାରୀ ହାଇସ୍କୁଲରେ ପଢୁଥିବା ଷଷ୍ଠରୁ ନବମ ଶ୍ରେଣୀର ଛାତ୍ରୀଛାତ୍ର ଯେଉଁମାନେ ଦୀର୍ଘଦିନ ଧରି ସ୍କୁଲକୁ ଆସୁନାହାନ୍ତି ସେମାନଙ୍କୁ ବର୍ତ୍ତମାନ ଖୋଜା ଚାଲିଛି। ଏହି ସ୍କୁଲରେ ୧୪ ଜଣ ଛାତ୍ରୀଛାତ୍ର ଡ୍ରପ ଆଉଟ ଥିବା ସୂଚନା ମିଳିଛି। ସେମାନଙ୍କୁ ଖୋଜିବା ପାଇଁ ବିଦ୍ୟାଳୟର ୬ ଜଣିଆ ଶିକ୍ଷକ ଟିମ ସହର ଏବଂ ବିଭିନ୍ନ ଗାଁ ବୁଲିବୁଲି ଚିହ୍ନଟ କରିବାକୁ ସାହି ପଡୋଶୀଙ୍କ ସହଯୋଗ ନେଇଛନ୍ତି। ଶିକ୍ଷକ ଟିମର ଲିଡର କିରଣ କୁମାର ନନ୍ଦଙ୍କ କହିବାନୁଯାୟୀ ଏହି ୧୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯ ଜଣଙ୍କୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ସମସ୍ତଙ୍କୁ ଚିହ୍ନଟ ପରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରାଯିବ। କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁ, କିଶୋର ପୂଜାରୀ ପ୍ରମୁଖ ଶିକ୍ଷକ ଡ୍ରପଆଉଟ ପିଲାଙ୍କୁ ଖୋଜିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବେସରକାରୀ ସୂତ୍ରରୁ ମିଳିବା ସୂଚନା ଅନୁଯାୟୀ, କେବଳ ସରକାରୀ ହାଇସ୍କୁଲ ନୁହେଁ ବ୍ଲକର ଅନେକ ବିଦ୍ୟାଳୟର ଛାତ୍ରୀଛାତ୍ର ସେମାନଙ୍କ ପରିବାର ଲୋକଙ୍କ ସହ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ନିମନ୍ତେ ଯାଇଛନ୍ତି। ଗୁଡ଼ାରି ବ୍ଲକର ସମସ୍ତ ବିଦ୍ୟାଳୟରେ ଯଦି ଏଭଳି ଡ୍ରପଆଉଟ ପିଲା ଚିହ୍ନଟ କରାଯାଇ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଆନ୍ତା ତେବେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ଶିକ୍ଷାବିତମାନେ ମତ ରଖିଛନ୍ତି।

# ଦାବି ପୂରଣ ନ ହେଲେ ୧୭ରୁ ସାମୂହିକ ଛୁଟିରେ ଯିବେ ଫାର୍ମାସିଷ୍ଟ

## ୫ଦଫା ଦାବି ଜଣାଇଲା ଫାର୍ମାସିଷ୍ଟ ସଂଘ

ଚନ୍ଦାହାଣ୍ଡି, ୫।୪(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ଫାର୍ମାସିଷ୍ଟ ସଂଘ ସଭାପତି ସଞ୍ଜୀବ ପାତ୍ରଙ୍କ ନେତୃତ୍ୱରେ ବୁଧବାର ଚନ୍ଦାହାଣ୍ଡି ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ସନ୍ଦୀପ କୁମାର ଶତପଥୀଙ୍କୁ ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଫାର୍ମାସିଷ୍ଟ ସଂଘ ଦେଇଥିବା ଦାବିପତ୍ରରେ ଫାର୍ମାସିଷ୍ଟଙ୍କ ଗ୍ରେଡ଼ ପେ ୨୪୦୦ରୁ ବର୍ଦ୍ଧିତ ୨୮୦୦କୁ ପରିବର୍ତ୍ତିତ କରି ୪୨୦୦ ପ୍ରଦାନ କରିବା, ସହ ଫାର୍ମାସିଷ୍ଟ କ୍ୟାଡ଼ର ୧/୧୨/୨୦୧୭ ପରିବର୍ତ୍ତେ ୨୪/୮/୨୦୧୩ କାର୍ଯ୍ୟକାରୀ କରାଯାଇ ପଦୋନ୍ନତି ଦେବାକୁ ଦାବି ହୋଇଛି। ଫାର୍ମାସିଷ୍ଟ ପଦବୀକୁ


ଡାକ୍ତର ସନ୍ଦୀପ କୁମାର ଶତପଥୀ ଦାବିପତ୍ର ଗ୍ରହଣ କରୁଛନ୍ତି।

ପରିବର୍ତ୍ତନ କରି ଫାର୍ମାସିଷ୍ଟ ଅଫିସର କରିବା, ୨୦୧୩ରୁ ଆର୍‌ବିଏସ୍‌କେ ଏବଂ ଏମ୍‌ଏଚ୍‌ୟୁରେ ଠିକା ଭାବରେ କାର୍ଯ୍ୟ କରୁଥିବା ଫାର୍ମାସିଷ୍ଟଙ୍କୁ ଖାଲି ଥିବା ସ୍ଥାନରେ ନିଯୁକ୍ତି ଦେବାକୁ ଦାବି କରାଯାଇଛି। ସମସ୍ତ ଦାବି ଆସନ୍ତା ୧୫ ତାରିଖ ସୁଦ୍ଧା ପୂରଣ ନହେଲେ ଆସନ୍ତା ୧୭ରୁ ସମସ୍ତ ଫାର୍ମାସିଷ୍ଟ ସାମୂହିକ ଛୁଟିରେ ଯିବେ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆ ଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଫାର୍ମାସିଷ୍ଟ ଶେଷଦେବ ମୁଣ୍ଡା, ନିର୍ମଳ ପାଳ, ପ୍ରେମଚାନ୍ଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶା ପଛୁଆ ବର୍ଗଙ୍କ ସର୍ଭେ ପାଇଁ ତାଲିମ

ରାୟଗଡ଼ା ଅଫିସ,୫।୪

ରାୟଗଡା ଜିଲାରେ ବସବାସ କରୁଥିବା ପଛୁଆ ବର୍ଗଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ଜଣ ତାଲିମ ନେଇଥିଲେ। ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପର୍ଯ୍ୟବେକ୍ଷକ ବୀରେନ୍ଦ୍ର କୁମାର କର୍କରା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ପିଏଆଇଟି ଦିଲୀପ କୁମାର ବେହେରା, ଗୁଣପୁର ପିଏ ଆଇଟି ଶାନ୍ତିପ୍ରଭା ପ୍ରଧାନ, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ପ୍ରମୁଖ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଓଡିଶାରେ ଥିବା ପଛୁଆ ବର୍ଗର ଲୋକମାନଙ୍କର ବର୍ତ୍ତମାନ ଥିବା ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସ୍ପଷ୍ଟ ଚିତ୍ର ହାସଲ କରିବା ନିମନ୍ତେ ସର୍ଭେ କରାଯିବ। ଏହି ସର୍ଭେ ଆସନ୍ତା ମେ ୧ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ମେ ୨୧ ତାରିଖଠାର୨୫ତାରିଖ ପର୍ଯ୍ୟନ୍ତ ଏକ ବିଶେଷ କାର୍ଯ୍ୟକ୍ରମ ଚାଲିବ। ଏହି ସର୍ଭେ ମାଧ୍ୟମରେ ମୁଖ୍ୟତଃ ଜିଲାର ପଛୁଆ ବର୍ଗ ଲୋକମାନଙ୍କର ବୃତ୍ତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କର ପରିବାରର ଲୋକମାନେ କେଉଁପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରିଛନ୍ତ ସେ ବିଷୟରେ ସୂଚନା ମିଳିବ। ଜିଲାର ସମସ୍ତ ବିଡିଓ ଓ ଏଥି ସଂପୃକ୍ତ ଅଧିକାରୀମାନଙ୍କୁ ଜିଲାସ୍ତରରେ ଏହି ତାଲିମ ପ୍ରଦାନ କରାଯାଇଥିଲା। ବ୍ଲକସ୍ତରୀୟ ଅଧିକାରୀ ମାନେ ଏନୁମେରେଟର ଓ ସୁପରଭାଇଜର ମାନଙ୍କୁ ତାଲିମ ପ୍ରଦାନ କରିବେ।



# 'ଏ ମଙ୍ଗଳ ମହୁରୀର ତାନ' ଓ 'ଫେଙ୍କାରୀ' ମଞ୍ଚସ୍ଥ

ଦାମନଯୋଡି,୫।୪(ଡି.ଏନ.ଏ.)

ପଞ୍ଚପଚମାଳୀ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ 'ଏ ମଙ୍ଗଳ ମହୁରୀର ତାନ' ଓ 'ଫେଙ୍କାରୀ' ମଞ୍ଚସ୍ଥ ହୋଇଛି। ନାଲକୋ ସମୂହ ମହାପ୍ରବନ୍ଧକ ତଥା ଉପଦେଷ୍ଟା ପ୍ରମୋଦ କୁମାର ବେହେରା ୩ୟ ସନ୍ଧ୍ୟାର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ରାଉରକେଲାର ସାଂସ୍କୃତିକ କଳା ପରିଷଦ 'ସଂକଳ୍ପ' ପକ୍ଷରୁ ପରିବେଷିତ ନାଟକ 'ଏ ମଙ୍ଗଳ ମହୁରୀର ତାନ'କୁ ଦିଲୀଶ୍ୱର ମହାରଣା ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପ୍ରକାଶ ସାହାଣୀ ଓ ସହ ନିର୍ଦ୍ଦେଶନାରେ ଥିଲେ ଗଙ୍ଗାଧର ରାଉତ। ଗଙ୍ଗାଧର, ପ୍ରବୀର,ମନୋଜ, ବାସୁଦେବ, ରାନୁ, ପ୍ରମିଳା ଓ ପ୍ରତିମା ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଭାସ୍କର ପୁହାଣଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ସହଯୋଗୀ ଥିଲେ ଲକ୍ଷ୍ମୀକାନ୍ତ ଦୋରା। ପ୍ରବୀର କୁମାର ଜେନାଙ୍କ ମଞ୍ଚ ସଜ୍ଜାରେ ପ୍ରଭାକର ପାତ୍ର,ପ୍ରିୟଦର୍ଶନ ରାଉତ, ଦିବ୍ୟେନ୍ଦୁ କୁଣ୍ଡୁ ଓ ଅକ୍ଷୟ କୁମାର ଧଳ ମଞ୍ଚ ପରିଚାଳନା କରିଥିଲେ। କୁଞ୍ଜନଲାଲ



ବୋଷ ପରିଚାଳକ,ଡ କିଶୋରୀ ଦାଶ ସଭାପତି ଓ ପ୍ରସନ୍ନ କୁମାର ଦାଶ ମୁଖ୍ୟ ବ୍ୟବସ୍ଥାପକ ଥିଲେ। ଦ୍ୱିତୀୟ ନାଟକ 'ଫେଙ୍କାରୀ' ପରିବେଷଣ କରିଥିଲେ ଲୋଇସିଂହାର ସୁର ସଙ୍ଗମ ସାଂସ୍କୃତିକ ସଂସଦ। ନକୁଳ ବାଦୀଙ୍କ ରଚନାରେ ନିର୍ଦ୍ଦେଶନା ଦେଇଥିଲେ ସରୋଜ ବିଶ୍ୱାଳ। ନାଟକରେ ସରୋଜ, ଈଶ୍ୱରୀ,ପ୍ରତ୍ୟୁଷ, ନବୀନ, ଫିରୋଜ, ସୁବାସ, ରାଜକିଶୋର, ପ୍ରୀତମ, ଯୁବରାଜ ପ୍ରମୁଖ କଳାକାର ଅଭିନୟ କରିଥିଲେ। ପ୍ରୀତମ ମିଶ୍ର ସଂଗୀତ ନିର୍ଦ୍ଦେଶନାରେ ଯୁବରାଜ ପଟେଲ ଓ ସରୋଜ ମ୍ୟୁଜିକ ଓ ଆଲୋକ ପରିଚାଳନା କରିଥିଲେ।

ନାଟ୍ୟ ମହୋତ୍ସବର ଦ୍ୱିତୀୟ ଦିନ ମଙ୍ଗଳବାର ନାଟକ 'ଜରା' ଓ 'ସେଇ ଚାରିଦିନ' ମଞ୍ଚସ୍ଥ ହୋଇଥିଲା। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶିଲ କୁମାର ପାଢ଼ୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜୟପୁରର ପ୍ରିୟା ଥିଏଟର ଗ୍ରୁପ ପରିବେଷଣ କରିଥିଲେ ନାଟକ 'ଜରା'। ନାଟ୍ୟକାର ସ୍ୱର୍ଗତ ମିନିଆକା ତ୍ରିନାଥଙ୍କ ରଚନାରେ ନିର୍ଦ୍ଦେଶନା ଦେଇଥିଲେ ଅଶୋକ କୁମାର ଜେନା। ଦ୍ୱିତୀୟ ନାଟକ 'ସେହି ଚାରିଦିନ'ପରିବେଷଣ କରିଥିଲେ ସୁନାବେଡାର ଉତ୍କଳ ସାଂସ୍କୃତିକ ପରିଷଦର କଳାକାର। ପ୍ରଦୀପ୍ତ କୁମାର ମହାନ୍ତିଙ୍କ ରଚନାରେ ନିର୍ଦ୍ଦେଶନା ଦେଇଥିଲେ ମୃଣ୍ମୟ ସରକାର। ଏମ ଜି ରାଜୁ ଓ ପ୍ରଦ୍ୟୁମ୍ନ ପ୍ରଧାନଙ୍କ ମଞ୍ଚ ପରିଚାଳନାରେ ପ୍ରତାପରୁଦ୍ର ବିଶ୍ୱାଳ ଓ ସତ୍ୟଜିତ ଦାସ ସଙ୍ଗୀତ ଦେଇଥିଲେ। ଏହାର ଗୀତିକାର ଥିଲେ ତାପସ ରଞ୍ଜନ ପ୍ରଧାନ। ଜିତେନ୍ଦ୍ରିୟ,ସୁଶାନ୍ତ, କୁମାର,ସୁମନ,ଗୁପ୍ତ,ବନିତା,ଅନୁଶ୍ରୀ, ନୈନା,ସୁଶାନ୍ତ,ସିତାଂଶୁ,ସନ୍ତୋଷ ଓ ରଂଜିତ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ସହରର ବିକାଶ ପ୍ରଥମ ପ୍ରାଥମିକତା : ଅଧ୍ୟକ୍ଷ


ଭେଣ୍ଡିଂ ଜୋନକୁ ଏମ୍‌ପି ରମେଶ ମାଝୀ, ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ ଉଦ୍‌ଘାଟନ କରୁଛନ୍ତି।

ବାଲିମେଳା,୫।୪(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ସହରର ୫ଟି ସ୍ଥାନରେ ମୁକ୍ତା ଯୋଜନାରେ ଅଞ୍ଚଳବାସୀଙ୍କ ସୁବିଧା ଲାଗି ନିର୍ମିତ ପ୍ରକଳ୍ପଗୁଡିକର ବୁଧବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା। ଏହିଅବସରରେ ନଗରପାଳ ପ୍ରଦୀପ ନାୟକ ସହରର ବିକାଶ ସବୁବେଳେ ତାଙ୍କ ପ୍ରାଥମିକତା ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ରଥ, ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝୀ, ମାଲକାନଗିରି ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ, ଏନଏସି ଉପାଧ୍ୟକ୍ଷା ରଶ୍ମିତା ବାଙ୍କା, ଜିଲା ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଗୋପାଳ ପଣ୍ଡା, ସମସ୍ତ କାଉନସିଲର, ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବାଲିମେଳା ସହର କାଳିଛକଠାରେ ଭେଣ୍ଡିଂଜୋନ, ୧୨ ନଂ. ୱାର୍ଡ ଚାଲାଣଗୁଡାରେ ମିନିପାର୍କ, ନୂତନ ବସଷ୍ଟାଣ୍ଡରେ ସହରାଞ୍ଚଳ ବାସହୀନ ଆଶ୍ରୟସ୍ଥଳୀ, ଦୈନିକ ବଜାରର ନୂତନ ଭେଣ୍ଡିଂ ଜୋନ ଏବଂ ଅରବିନ୍ଦ ଲାଇନରେ ନିର୍ମିତ ଫେବର ବ୍ଲକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା।

# ବନଦୁର୍ଗାଙ୍କ ଘଟଯାତ୍ରା ଉଦ୍‌ଯାପିତ

ମୁନିଗୁଡା,୫।୪(ଡି.ଏନ୍.ଏ.)



ମୁନିଗୁଡ଼ାର ପ୍ରସିଦ୍ଧ ମା' ବନଦୁର୍ଗାଙ୍କ ଘଟଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ମନ୍ଦିର ପୂଜକ ମୂରଲୀ ବେହେରାଙ୍କ ସଂଯୋଜନାରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରାରେ ଗୋବର୍ଦ୍ଧନସ୍ଥିତ ମା' ମାଣିକେଶ୍ୱରୀ ମନ୍ଦିରର ମୁଖ୍ୟ ପୂଜାରୀ କୋମଳଲୋଚନ କଦ୍ରୁ ମା'ଙ୍କ ପାରମ୍ପରିକ ଟାଙ୍ଗୁଡ଼ି, ଖଣ୍ଡା ଓ ଘଟହାଣ୍ଡିଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପରିସରରୁ ପାରମ୍ପରିକ ବାଦ୍ୟ ସହ ଘଟ ହାଣ୍ଡିକୁ ମୁଣ୍ଡରେ ବୋହି ବିଭିନ୍ନ ସାହି ପରିକ୍ରମା କରିଥିଲେ। ଏହି ଅବସରରେ ସାହିମାନଙ୍କରେ ମହିଳାମାନେ ମା'ଙ୍କୁ ନିଜ ଘର ସମ୍ମୁଖରେ ଝୁଟି, ଦୀପ, ଧୂପ ସହ ଆଳତୀ କରି ପୂଜାର୍ଚ୍ଚନା କରିଥିଲେ। ପ୍ରତ୍ୟେକ ଦିନ ପୂଜାରୀ ମା'ଙ୍କ ଟାଙ୍ଗୁଡ଼ି, ଖଣ୍ଡା ଓ ଘଟ ପରିକ୍ରମା କରି ମଣ୍ଡପ ପାଖକୁ ପହଞ୍ଚିବା ପରେ ପୂଜକଙ୍କ ଦ୍ୱାରା ପାରମ୍ପରିକ ବେଜୁଣୀ ଘଟ ନାଚ ଶେଷ ହୋଇଥାଏ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ। ଏହି ଘଟଯାତ୍ରା ସମସ୍ତ ରୀତିନୀତି ଅନୁସାରେ ଉଦ୍‌ଯାପିତ ହେବାପରେ ଶେଷ ଥର ପାଇଁ ମୁଖ୍ୟ ପୂଜକ ମୁରଲୀ ବେହେରା ଓ ଦିଲ୍ଲୀପ ବେହେରାଙ୍କ ମିଳିତ ନେତୃତ୍ୱରେ ପୂଜକ କୋମଳ ଲୋଚନଙ୍କ ସହ ସହଯୋଗୀ ଉମାକାନ୍ତ ବେହେରା ମା'ଙ୍କ ଟାଙ୍ଗୁଡ଼ି, ଖଣ୍ଡା ଓ ଘଟ ହାଣ୍ଡିକୁ ମୁଣ୍ଡରେ ବୋହି ମନ୍ଦିର ପରିସରରୁ ବାହାରି ଗ୍ରାମ ପରିକ୍ରମ କରିଥିଲେ।

# ଅଧିକାରୀ,କର୍ମଚାରୀ ନିର୍ଦ୍ଧାରିତ ସମୟରେ ସର୍ଭେ ସାରିବାକୁ ନିର୍ଦ୍ଦେଶ

ନବରଙ୍ଗପୁର, ୫।୪(ବି.ପ୍ର.)

ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିଶନ ଦ୍ୱାରା ପଛୁଆବର୍ଗର ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ସର୍ଭେ କରାଯିବା ନେଇ ଏକ ବୈଠକ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୦ ବ୍ଲକ ଓ ୨ଟି ପୌରାଞ୍ଚଳର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ, ନିର୍ବାହୀ ଅଧିକାରୀଙ୍କୁ ଏ ନେଇ ତାଲିମ ଦିଆଯାଇଛି। ଜିଲାର ପଛୁଆବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତିକୁ ଆଧାରକରି ସର୍ଭେ କରିବା ପାଇଁ ଦାୟିତ୍ୱ ବହନ କରୁଥିବା ସମସ୍ତ ଅଧିକାରୀ, କର୍ମଚାରୀ ଯତ୍ନବାନ ହୋଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସୁଚାରୁରୂପେ ନିଜ ଦାୟିତ୍ୱ ତୁଲାଇବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ୍

## ପଛୁଆବର୍ଗଙ୍କ ସାମାଜିକ, ଶିକ୍ଷାଗତ ସ୍ଥିତି ସର୍ଭେ ଲାଗି ଜିଲାସ୍ତରୀୟ ତାଲିମ ଶିବିର



ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ଏବଂ ପୌରାଞ୍ଚଳରେ ୨ଟି ପର୍ଯ୍ୟାୟରେ ଏହି ତାଲିମ ଶିବିର ଏପ୍ରିଲ ୬ରୁ ୧୩ ଓ ୧୮ରୁ ୨୧ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏହି ତାଲିମ ଶିବିର ଓ ସର୍ଭେ କାର୍ଯ୍ୟକୁ ସମ୍ପାଦନ ପାଇଁ ବିଡିଓ, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ଲକ ଏବଂ ପୌରାଞ୍ଚଳର ନୋଡାଲ ଅଧିକାରୀ ଦାୟିତ୍ୱ ଦିଆଯାଇଛି। ସର୍ଭେ କାର୍ଯ୍ୟରେ ଅଙ୍ଗନୱାଡି କର୍ମୀଙ୍କ ପ୍ରମୁଖ ଭୂମିକା ରହିଛି। ତାଲିମ ଶିବିର ପରେ ମେ ୧ରୁ ୨୭ ପର୍ଯ୍ୟନ୍ତ ଏହି ସର୍ଭେ କାର୍ଯ୍ୟ ଚାଲିବ। ଜୁନ୍ ୨୭ରେ ଡ୍ରାଫ୍ଟ ପବ୍ଲିକେଶନ ହେବ। ଏଥି ସମ୍ବନ୍ଧିତ ଅଭିଯୋଗ ଶୁଣାଣି ପାଇଁ ଜୁନ୍ ୨୮ରୁ ଜୁଲାଇ ୩ ତାରିଖ ଧାର୍ଯ୍ୟ କରାଯାଇଛି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଭିଯୋଗ ଶୁଣାଣି ପରେ ଜୁଲାଇ ୧୨ରେ ଫାଇନାଲ ଡ୍ରାଫ୍ଟ ପବ୍ଲିକେଶନ ହେବ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଜିଲାର ଏହି ସର୍ଭେ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଅଧିକାରୀ, କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାସ୍ତରରେ ନୋଡାଲ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଡେପୁଟି ଜିଲା ନୋଡାଲ ଅଧିକାରୀଭାବେ ପ୍ରଶାନ୍ତ ରାଉତ ରହିଛନ୍ତି। ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଭାବରେ ଡେପୁଟି କଲେକ୍ଟର ନିର୍ମଳ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ, ଜିଲା ମଙ୍ଗଳ ଅଧିକାରୀ ପାଳକା ରବୀନ୍ଦ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲାସ୍ତରୀୟ ଏହି ସର୍ଭେ ତାଲିମ ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ପୌର ପରିଷଦ ନିର୍ବାହୀ ଅଧିକାରୀ, ସିଡିପିଓ, ସୁପରଭାଇଜର ଯୋଗଦେଇଥିଲେ।

